## କେନ୍ଦ୍ରାପଡ଼ା ଜିଲାର ନିର୍ବାଚିତ ବ୍ଲକ ଅଧକ୍ଷା/ଅଧକ୍ଷ


ଅଭୟ ମହାରାଜ
ଗରଦପୁର


କଳ୍ପନା ରାଉତ
ମହାକାଳପଡ଼ା


ମଧୁସ୍ମିତା ସାମଲ
ମାର୍ଶାଘାଇ


ମନୋରଞ୍ଜନ ସାମଲ
ଆଳି


ପ୍ରଦ୍ୟୁମ୍ନ କୁମାର ଶତପଥୀ
ପଟ୍ଟାମୁଣ୍ଡାଇ


ପ୍ରତିଭା ପାତ୍ର
ରାଜନଗର


ପ୍ରଭାତୀ ମଲ୍ଲିକ
ଡେରାବିଶ


ମୀନତି ରାଉତ
ରାଜକନିକା


ରଶ୍ମିତା ସେଠୀ
କେନ୍ଦ୍ରାପଡ଼ା

## ଜଗତ୍‌ସିଂହପୁର ଜିଲାର ନିର୍ବାଚିତ ବ୍ଲକ ଅଧକ୍ଷା/ଅଧକ୍ଷ


କନକପ୍ରଭା ଲେଙ୍କା
ଜଗତ୍‌ସିଂହପୁର


ଲକ୍ଷ୍ମୀ ବେହେରା
ରଘୁନାଥପୁର


ଲକ୍ଷ୍ମୀପ୍ରିୟା ମହାପାତ୍ର
ଏରସମା


ମମତା ପାତ୍ର
ବିରିଡ଼ି


ମନୋଜ କୁମାର ବେହେରା
ତିର୍ତ୍ତୋଲ


ତୃପ୍ତି ଲେଙ୍କା
ନାଉଗାଁ


ନିନାରାଣୀ ସାହୁ
କୁଜଙ୍ଗ


ପ୍ରକାଶ ପ୍ରଧାନ
ବାଲିକୁଦା

## ଯାଜପୁର ଜିଲାର ନିର୍ବାଚିତ ବ୍ଲକ ଅଧକ୍ଷା/ଅଧକ୍ଷ


ମୀନତି ସେନାପତି
ବଡ଼ଚଣା


ରଞ୍ଜିତା କୁମାରୀ ଦାସ
ବିଞ୍ଝାରପୁର


ଅରୁଣ କୁମାର ରାଉତ
ରସୁଲପୁର


ପ୍ରଭାତ କୁମାର ବଳବନ୍ତରାୟ
ଧର୍ମଶାଳା


ଦିଗାମ୍ବର ମଲ୍ଲିକ
ଦଶରଥପୁର


ଅର୍ଚ୍ଚନା ଦାସ
ଦାନଗଦୀ


ଜୟନ୍ତୀ ଦଳେଇ
କୋରେଇ


ସ୍ୱର୍ଣ୍ଣଲତା ପରିଡ଼ା
ଯାଜପୁର


ଦିବ୍ୟଶଙ୍କର ବରାଳ
ସୁକିନ୍ଦା


ଅଶୋକ କୁମାର ଗେଡି
ବରୀ

# ସବୁଠି ବିଜେଡି ସମର୍ଥକଙ୍କ ବିଜୟ

**ବ୍ଲକ ଚେୟାରମ୍ୟାନ୍ ନିର୍ବାଚନ**

- ବରୀରେ ବିଜେଡି-ବିଜେଡି ମଧ୍ୟରେ କଡା ମୁକାବିଲା
- ଅନୁପସ୍ଥିତ ସମିତିସଭ୍ୟଙ୍କ ସଂଖ୍ୟା କମ୍



**ଯାଜପୁର ଅଫିସ,୧୨।୩**

ଯାଜପୁର ଜିଲାର ସମସ୍ତ ୧୦ ପଞ୍ଚାୟତ ସମିତି ଅଧ୍ୟକ୍ଷା/ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଶନିବାର ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ସମସ୍ତ ବ୍ଲକରେ ବିଜେଡି ସମର୍ଥିତ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ତେବେ ବରୀ ବ୍ଲକରେ ଦୁଇ ବିଜେଡି ଗୋଷ୍ଠୀଙ୍କ ପ୍ରାର୍ଥୀ ନିର୍ବାଚନରେ ଭାଗ ନେଇଥିବାରୁ ସେଠାରେ କଡା ମୁକାବିଲା ହୋଇଛି।

ସମିତି ଅଧ୍ୟକ୍ଷା/ଅଧ୍ୟକ୍ଷ ନିର୍ବାଚନ ପୂର୍ବରୁ କାଳେ ସମିତି ସଭ୍ୟ ହାତରୁ ଖସିଯିବେ ସେଥିପାଇଁ ସେମାନଙ୍କୁ ପ୍ରମୁଖ ଦଳର ନେତାମାନେ ଅଜ୍ଞାତବାସରେ ରଖିଥିଲେ। ନିଜ ସମର୍ଥିତ ଦଳକୁ କାଳେ କେହି ଧୋକା ଦେବେ ସେଥିପାଇଁ ବିଧାୟକ ଓ ବଡ ନେତାଙ୍କୁ ଭୟ ଘାରିଥିଲା। ସେଥିଯୋଗୁ କେତେକ ବ୍ଲକରେ ମୋଟା ଅଙ୍କର ଟଙ୍କା କାରବାର ହୋଇଥିବା ଚର୍ଚ୍ଚା ହେଉଛି। ଏହିକ୍ରମରେ ବରୀ ବ୍ଲକରେ ନିର୍ବାଚନରେ କଡା ଟକ୍କର ହୋଇଥିଲା। ବିଧାୟିକା ସୁନନ୍ଦା ଦାସଙ୍କ ସମର୍ଥକ ଜ୍ୟୋତିର୍ମୟୀ ବେହେରା ଏବଂ ଭାଜପାରୁ ବିଜେଡିକୁ ଆସିଥିବା ବିଶ୍ୱରଞ୍ଜନ ମଲ୍ଲିକଙ୍କ ସମର୍ଥକ ଅଶୋକ କୁମାର ଗେଡି ଅଧ୍ୟକ୍ଷା/ଅଧ୍ୟକ୍ଷ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହାପୂର୍ବରୁ ନିଜ ନିଜ ବଳ ଦେଖାଇବାକୁ ୨୯ ଜଣ ସମିତି ସଭ୍ୟଙ୍କୁ ନେଇ ଘୋଡାବେପାର ଚରମସୀମାରେ ପହଞ୍ଚିଥିଲା ବୋଲି ଆଲୋଚନା ହେଉଛି । ଶେଷରେ ବିଶ୍ୱଙ୍କ ସମର୍ଥିତ ଅଶୋକ କୁମାର ଗେଡି ୩ ଭୋଟରେ ବିଜୟୀ ହୋଇଥିବା ସୂଚନା ମିଳିଛି। ଏଥିରେ ଗେଡି ୧୬ ଓ ଜ୍ୟୋତିର୍ମୟୀ ୧୩ ଭୋଟ ପାଇଥିଲେ। କୋରେଇ, ଯାଜପୁର, ଦଶରଥପୁର, ରସୁଲପୁର, ବିଞ୍ଝାରପୁର, ଧର୍ମଶାଳା ବ୍ଲକରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚନ ଶେଷ ହୋଇଥିବାବେଳେ ସୁକିନ୍ଦା, ଦାନଗଦି, ବରୀ ଓ ବଡ଼ଚଣା ବ୍ଲକରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବରୀରେ ଅଶୋକ କୁମାର ଗେଡ଼ି ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚିତ ହୋଇଥିବା ବେଳେ ବଡ଼ଚଣାରେ ମିନତୀ ସେନାପତି, ଧର୍ମଶାଳାରେ ପ୍ରଭାତ କୁମାର ବଳଓ୍ୱନ୍ତରାୟ, ରସୁଲପୁରରେ ଅରୁଣ କୁମାର ରାଉତ, ବିଂଝାରପୁରରେ ରଞ୍ଜିତା କୁମାରୀ ଦାସ, ଦଶରଥପୁରରେ ଦିଗାମ୍ବର ମଲ୍ଲିକ, ଯାଜପୁରରେ ସ୍ୱର୍ଣ୍ଣଲତା ପରିଡ଼ା, କୋରେଇରେ ଜୟନ୍ତୀ ଦଳେଇ, ଦାନଗଡିରେ ଅର୍ଚ୍ଚନା ଦାସ ଓ ସୁକିନ୍ଦାରେ ଦିବ୍ୟରଞ୍ଜନ ବରାଳ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

## ଧର୍ମଶାଳା ବ୍ଲକ ଅଧକ୍ଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଧର୍ମଶାଳା,୧୨।୩(ଡି.ଏନ.ଏ.)**

ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷ ଭାବେ ପ୍ରଭାତ କୁମାର ବଳବନ୍ତରାୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବ୍ଲକର ୪୫ ପଞ୍ଚାୟତ ମଧ୍ୟରୁ ୪୩ଜଣ ସମିତିସଭ୍ୟ ପ୍ରଭାତଙ୍କୁ ସମର୍ଥନ ଦେଇଥିଲେ। ବିରୋଧୀ ଦଳ ପକ୍ଷରୁ କେହି ନାମାଙ୍କନପତ୍ର ଦାଖଲ କରି ନ ଥିଲେ। ପ୍ରଭାତ ଏକା ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଦିନ ୧ଟା ପରେ ନିର୍ବାଚନ ଅଧିକାରୀ ତଥା ବଡ଼ଚଣା ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି ପ୍ରଭାତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ।

ପ୍ରଭାତ ୨୦୧୭ରେ ଭବାନୀପୁର ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ବ୍ଲକ ଅଧକ୍ଷ ହୋଇଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ପ୍ରଭାତ ଚକ୍ରଧରପୁର ଓ କୁମାରୀ ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ପରେ ଚକ୍ରଧରପୁର ଆସନରୁ ସେ ଇସ୍ତଫା ଦେଇଥିଲେ। ପ୍ରଭାତ ଲଗାତର ଭାବେ ଦ୍ୱିତୀୟବାର ଅଧକ୍ଷ ପଦ ହାତେଇବାରେ ସମର୍ଥ ହୋଇଛନ୍ତି। ବିଜୟ ପରେ ପ୍ରଭାତ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ତାଙ୍କ ବଡ଼ଭାଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ଧର୍ମଶାଳା ଜନସାଧାରଣଙ୍କ ଆଶୀର୍ବାଦ ଯୋଗୁ ସେ ଅଧକ୍ଷ ପଦ ଅଳଙ୍କୃତ କରିଛନ୍ତି। ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟକୁ ଆହୁରି ବ୍ୟାପକ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରଭାତ ନିର୍ଦ୍ୱନ୍ଦ୍ୱରେ ବ୍ଲକ ଅଧକ୍ଷ ହୋଇଥିବାରୁ ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ବିଭିନ୍ନ ଜୋନ୍‌ର ଜିଲା ପରିଷଦ ସଭ୍ୟ, ବିଜେଡି କର୍ମକର୍ତ୍ତା ଓ ସମସ୍ତ ପଞ୍ଚାୟତର ସରପଞ୍ଚ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ୩ ସମିତିସଭ୍ୟ ଭୋଟ ଦାନରୁ ବିରତ

**ଚଣ୍ଡିଖୋଲ/ବଡ଼ଚଣା,୧୨।୩(ଡି.ଏନ.ଏ.):** ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷା ଭାବେ ଦର୍ପଣ ସମିତିସଭ୍ୟା ମିନତି ସେନାପତି ନିର୍ବାଚିତ ହୋଇଛନ୍ତି। ଶନିବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭୋଟଦାନ ହୋଇଥିଲା। ୪୩ ପଞ୍ଚାୟତର ସମିତିସଭ୍ୟଙ୍କ ମଧ୍ୟରୁ ୩ଜଣ ଅନୁପସ୍ଥିତ ରହିଥିଲେ। ମିନତି ୨୯ଖଣ୍ଡ ଭୋଟ୍ ପାଇଥିଲାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବରପଦା ସମିତିସଭ୍ୟା ସ୍ମରଣିକା ବଳ ୧୧ଖଣ୍ଡ ଭୋଟ୍ ପାଇଥିଲେ। ଅଚ୍ୟୁତବସନ୍ତ ସମିତିସଭ୍ୟା ସଞ୍ଜୁକ୍ତା ରାଉତ, କୁନ୍ଦଳ ସମିତିସଭ୍ୟ ଗଗନ ବିହାରୀ ଦାଶ ଓ ଶାଳପଡ଼ା ସମିତିସଭ୍ୟା ରୀତାଞ୍ଜଳି ମହାନ୍ତି ଭୋଟ ଦେବାକୁ ଆସି ନ ଥିଲେ। ପରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଚଣ୍ଡିଖୋଲସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅଧକ୍ଷା ସେନାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଗଣେଶ୍ୱର ବରାଳ, ଯଜ୍ଞୀନ୍ଦ୍ର ନାୟକ, ଜୟଶ୍ରୀ ସାମଲ, ନିର୍ବାଚନ ପରିଚାଳନା କମିଟି ଅଧକ୍ଷ ଶାରଦା ପ୍ରସନ୍ନ ମହାନ୍ତି, ଅମର ପ୍ରସାଦ ମହାନ୍ତି, ଜଗନ୍ନାଥ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ୩ ସମିତିସଭ୍ୟ ଭୋଟଦାନରୁ ବିରତ ରହିବା ନେଇ ସେମାନଙ୍କ ପଞ୍ଚାୟତରେ ଅସନ୍ତୋଷ ଦେଖାଦେଇଛି। ତେବେ କାହିଁକି ସେମାନେ ଭୋଟ୍ ଦାନରୁ ବିରତ ରହିଲେ ତାହା ସ୍ପଷ୍ଟ ହୋଇନାହିଁ।

## ବିଞ୍ଝାରପୁରରେ ରଞ୍ଜିତା ଅଧକ୍ଷା

**ସିଂହପୁର,୧୨।୩(ଡି.ଏନ.ଏ.)**

ବିଞ୍ଝାରପୁର ପଞ୍ଚାୟତ ସମିତି ଅଧକ୍ଷା ଭାବେ ଟିଣା ସମିତିସଭ୍ୟା ରଞ୍ଜିତା କୁମାରୀ ଦାସ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ତାଙ୍କ ବିପକ୍ଷରେ ଅନ୍ୟ କେହି ପ୍ରତିଦ୍ୱନ୍ଦ୍ୱୀ ନାମାଙ୍କନପତ୍ର ଭରି ନ ଥିଲେ। ତେଣୁ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରାଯାଇଥିଲା। ନିର୍ବାଚନରେ ବାଙ୍ଗାରା ସମିତିସଭ୍ୟ ଅନୁପସ୍ଥିତ ରହିଥିଲେ। ରଞ୍ଜିତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ପୁଣିଥରେ ବିଞ୍ଝାରପୁର ପଞ୍ଚାୟତ ସମିତି ବିଜେଡି ଦଖଲକୁ ଆସିଛି। କ୍ରମାଗତ ଭାବେ ବିଜୁ ଜନତା ଦଳ ଏହି ପଞ୍ଚାୟତ ସମିତିରେ ନିଜ ପତିଆରାକୁ ବଜାୟ ରଖିବାରେ ସକ୍ଷମ ହୋଇଛି। ବିଜୟ ପରେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ଲକ ପରିସରରୁ ଏକ ବିରାଟ ପଟୁଆରେ ରଞ୍ଜିତାଙ୍କୁ ସମର୍ଥକ ଅଞ୍ଚଳ ପରିକ୍ରମା କରାଇଥିଲେ। ସେ ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ। ବିଧାୟିକା ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଦଳର ନୀତି ଆଦର୍ଶକୁ ପାଥେୟ କରି ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରିବାକୁ ବିଧାୟିକା ତାଙ୍କୁ ପରାମର୍ଶ ଦେଇଥିଲେ। ରଞ୍ଜିତାଙ୍କୁ ବହୁ ବିଶିଷ୍ଟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି। ଚଳିତ ନିର୍ବାଚନରେ ସେ ନିର୍ଦ୍ୱନ୍ଦ୍ୱରେ ସମିତିସଭ୍ୟାଭାବେ ନିର୍ବାଚିତ ହୋଇଥିଲେ।

## ଯାଜପୁର ବ୍ଲକ ଅଧକ୍ଷା ଅପ୍ରତିଦ୍ୱନ୍ଦ୍ୱୀ

**ଯାଜପୁର ଟାଉନ,୧୨।୩(ଡି.ଏନ.ଏ.)**

ଯାଜପୁର ବ୍ଲକ ଅଧକ୍ଷା ଭାବେ ନାଥସାହି ସମିତିସଭ୍ୟା ସ୍ୱର୍ଣ୍ଣଲତା ପରିଡ଼ା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଜୁ ଜନତା ଦଳ ସମର୍ଥନରେ ସେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନିର୍ବାଚନ ପ୍ରକ୍ରିୟାର ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ ନ କରିବାରୁ ନିର୍ବାଚନ ଅଧିକାରୀ ତଥା ଦଶରଥପୁର ବିଡିଓ ଶ୍ୱେତା ସ୍ନିଗ୍ଧା ତାଙ୍କୁ ବିଜୟୀ ଘୋଷଣା କରିଥିଲେ। ବ୍ଲକର ୨୬ ପଞ୍ଚାୟତ ମଧ୍ୟରୁ ବଡ଼ସୁଆର ସମିତିସଭ୍ୟା ଅନୁପସ୍ଥିତ ଥିବାସ୍ଥଳେ ଅବଶିଷ୍ଟ ୨୫ ସମିତିସଭ୍ୟାସଭ୍ୟଙ୍କ ସମ୍ମତିକ୍ରମେ ପରିଡ଼ା ବ୍ଲକ ଅଧକ୍ଷା ରୂପେ ନିର୍ବାଚିତ ହୋଇଥିଲେ। ପରେ ତାଙ୍କୁ ବ୍ଲକ ଅଧକ୍ଷାଙ୍କ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ଉପସ୍ଥିତ ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ, ଯାଜପୁର ବ୍ଲକ ପୂର୍ବତନ ଅଧକ୍ଷ ପ୍ରଦୀପ ନାୟକ, ଯାଜପୁର ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ଗଣେଶ ଚନ୍ଦ୍ର ମହାକୁଡ଼, ବ୍ଲକ ବିଜୁ ଜନତା ଦଳର ସଭାପତି ପରେଶ କୁମାର ବିଶ୍ୱାଳ, ବିଜୁ ଜନତା ଦଳର ନେତା ପ୍ରକାଶ ତ୍ରିପାଠୀ ଓ ବ୍ଲକର ସମସ୍ତ ନବନିର୍ବାଚିତ ସରପଞ୍ଚ ଏବଂ ବିଜୁ ଜନତା ଦଳର କର୍ମୀ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଦଶରଥପୁର ବ୍ଲକ୍ ଅଧକ୍ଷ ଆସନରେ ଦିଗାମ୍ବର

**ଦଶରଥପୁର,୧୨।୩(ଡି.ଏନ.ଏ.)**

ଦଶରଥପୁର ବ୍ଲକ୍ ଅଧକ୍ଷ ଆସନ ନିମନ୍ତେ ଶନିବାର ନିର୍ବାଚନ ହୋଇଥିବାବେଳେ ଦିଗାମ୍ବର ମଲ୍ଲିକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ମଲ୍ଲିକାପୁର ପଞ୍ଚାୟତରୁ ସମିତିସଭ୍ୟ ପ୍ରାର୍ଥୀ ହୋଇ ତାଙ୍କ ବିପକ୍ଷ ପ୍ରାର୍ଥୀଙ୍କୁ ୧୯୯୫ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରିଥିଲେ। ଯାଜପୁର ବିଧାୟକ ତଥା ବିଜେଡି ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମନୋନୀତ ଅନୁଯାୟୀ ଦିଗାମ୍ବର ବ୍ଲକ ଅଧକ୍ଷ ପ୍ରାର୍ଥୀ ହୋଇଥିଲେ। ଅନ୍ୟ କୌଣସି ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯାଇ ନ ଥିବାରୁ ଦିଗାମ୍ବର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଖାନନଗର ସମିତିସଭ୍ୟ ଦୁର୍ଘଟଣାର ଶିକାର କାରଣରୁ ଅନୁପସ୍ଥିତ ଥିବାରୁ ୩୪ ପଞ୍ଚାୟତର ସମିତିସଭ୍ୟାସଭ୍ୟ ଭୋଟ୍ ପ୍ରକ୍ରିୟାରେ ଯୋଗ ଦେଇଥିଲେ। ଦିଗାମ୍ବରଙ୍କୁ ଦଳ ଯୋଗ୍ୟ ବିବେଚିତ କରିଥିବାରୁ ସେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଏବଂ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦିଗାମ୍ବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ। ସେ ବ୍ଲକ୍‌କୁ ଏକ ନମ୍ବର ବ୍ଲକ୍ କରିବା ଲାଗି ଉଦ୍ୟମ କରିବେ ବୋଲି କହିଛନ୍ତି।

## ଅଧକ୍ଷ ପଦ ହାତେଇଲେ ଅଶୋକ

**ବରୀ,୧୨।୩(ଡି.ଏନ.ଏ.)**

ବରୀ ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନରେ ଅଶୋକ କୁମାର ଗେଡ଼ି ବିଜୟୀ ହୋଇଛନ୍ତି। ଉକ୍ତ ବ୍ଲକ୍‌ର ସମସ୍ତ ୨୯ ପଞ୍ଚାୟତର ସମିତିସଭ୍ୟାସଭ୍ୟ ପଦବୀ ଶାସକ ଦଳ ସମର୍ଥକ ହାତେଇଥିଲେ। ମାତ୍ର ବିଧାୟିକା ସୁନନ୍ଦା ଦାସ ଓ ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ ଉଭୟ ଶାସକ ଦଳର ହୋଇ ମଧ୍ୟ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ।

ଅଳିପୁର ସମିତିସଭ୍ୟ ଅଶୋକ ବିଶ୍ୱରଞ୍ଜନଙ୍କ ସମର୍ଥିତ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ବିଧାୟିକାଙ୍କ ସମର୍ଥିତ ପ୍ରାର୍ଥିନୀ ଭାବେ ଜ୍ୟୋତିର୍ମୟୀ ବେହେରା ନାମାଙ୍କନପତ୍ର ଦାଖଲ କରିଥିଲେ। ନିର୍ବାଚନରେ ଅଶୋକ ୧୬ ଖଣ୍ଡ ଭୋଟ୍ ପାଇ ଅଧକ୍ଷ ପଦ ହାତେଇଛନ୍ତି। ବିଧାୟିକାଙ୍କ ସମର୍ଥିତ ପ୍ରାର୍ଥିନୀ ୧୩ ଖଣ୍ଡ ଭୋଟ୍ ପାଇ ପରାଜିତ ହୋଇଥିବା ବ୍ଲକ୍ ପ୍ରଶାସନ ତରଫରୁ ସୂଚନା ମିଳିଛି। ତେବେ ବିଶ୍ୱରଞ୍ଜନ ଓ ସୁନନ୍ଦା ଶାସକ ଦଳର ସମର୍ଥିତ ପ୍ରାର୍ଥୀଙ୍କୁ ପୃଥକ୍ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ମଧ୍ୟ ଉଭୟଙ୍କ ମାର୍ଗଦର୍ଶକ ସେମାନଙ୍କ ଉପରେ ରୋକ୍ ଲଗାଇ ନ ଥିଲେ। ଏହି ଘଟଣା ଆଗାମୀ ଦିନରେ ଶାସକ ଦଳ ପାଇଁ ମହଙ୍ଗା ପଡ଼ିବ ବୋଲି ଆଲୋଚନା ଜୋର ଧରିଛି। ନିର୍ବାଚନ ପରେ ଆଇନ ଶୃଙ୍ଖଳାକୁ ଆଖିଆଗରେ ରଖି ବରୀ ପୋଲିସ ପକ୍ଷରୁ ବରୀ ମାଉଣ୍ଡ, କଳାମାଟିଆ, ସାଇ ମନ୍ଦିର ଛକ, ରତ୍ନଗିରି ଓ ବାଲିଆ ଆଦି ସ୍ଥାନରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା।

## ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ

**ଝୁମ୍ପୁରୀ,୧୨।୩(ଡି.ଏନ୍.ଏ.):** ଦଶରଥପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦଶରଥପୁରରେ ମୀନାରାଣୀ ବେହେରା, ଚଷାଖଣ୍ଡ ପ୍ରତିଭା ମଲ୍ଲିକ, ବିରଜାପୁର ନିରାକାର ସାହୁ, ତଳିହା ରଞ୍ଜିତା ଜେନା, କଟିକଟା କାଞ୍ଚନବାଳା ପରିଡ଼ା, ଖଣ୍ଡରା କୁଞ୍ଜବିହାରୀ ଦାସ, ଚିତାଳୋ ବିଜୟାଲକ୍ଷ୍ମୀ ଶତପଥୀ, ଅକରପଡ଼ା ଭାରତୀ ନାୟକ, ଡାହାଣହତା ପଦ୍ମାବତୀ ବିଶ୍ୱାଳ, ଜାଫରପୁର ସୁରେନ୍ଦ୍ର ବେହୁରିଆ, ଗ୍ରାମନନ୍ଦିପୁର ସଞ୍ଜୁକ୍ତା ମହାନ୍ତି, ଖାନନଗର ଶୁଭଶ୍ରୀ ମଲ୍ଲିକ, କୟାଁ ମନ୍ଦାକିନୀ ମଲ୍ଲିକ, କମାରଡ଼ିହ ଚିତ୍ତରଞ୍ଜନ ନାୟକ, ଥାଲକୁଡ଼ି ଗୀତାଞ୍ଜଳି ସେଠୀ, ପାଳଟପୁର ଲିପିକା ମଲ୍ଲିକ, ଜୟନ୍ତରା ସ୍ନିଗ୍ଧା ମଞ୍ଜରୀ ରାଉତ, ଚମ୍ପେଇପାଳ ହିମାଂଶୁ ଶେଖର ନାୟକ, ଅସନପୁର କାଞ୍ଚନ ମଲ୍ଲିକ ଓ ନିଜାମପୁର ପଞ୍ଚାୟତରେ ଖାରବେଳ ଦାସ ସରପଞ୍ଚଭାବେ ଦାୟିତ୍ୱ ନେଇଛନ୍ତି।






# କେନ୍ଦ୍ରାପଡ଼ାର ୯ ବ୍ଲକ୍‌ରେ ୬ ମହିଳା ଅଧ୍ୟକ୍ଷା

**କେନ୍ଦ୍ରାପଡ଼ା ଅଫିସ/ଡେରାବିଶ/ ମହାକାଳପଡ଼ା/ ରାଜନଗର,(ସ୍ୱ.ପ୍ର./ଡି.ଏନ୍.ଏ.)୧୨।୩**

- ଡେରାବିଶରେ ଧର୍ମଗୁଳାରେ ଜିତିଲେ ପ୍ରଭାତୀ
- ୨ ବ୍ଲକରେ କଂଗ୍ରେସ ଦେଇଥିଲା ପ୍ରାର୍ଥୀ
- ୪ ବ୍ଲକରେ ଅଧ୍ୟକ୍ଷ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ

ରାଜ୍ୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁଯାୟୀ କେନ୍ଦ୍ରାପଡ଼ା ଜିଲାର ସମସ୍ତ ବ୍ଲକରେ ଅଧ୍ୟକ୍ଷ ନିର୍ବାଚନ ଶନିବାର ଶେଷ ହୋଇଛି। ଏହି ନିର୍ବାଚନରେ ମହିଳାଙ୍କ ଦବ୍‌ଦବା ଅଧିକ ରହିଛି। ଜିଲାର ୯ ବ୍ଲକ ମଧ୍ୟରୁ ୬ଟିରେ ମହିଳା ଓ ୩ଟିରେ ପୁରୁଷ ଅଧ୍ୟକ୍ଷ ହୋଇଛନ୍ତି। ସେହିପରି ଡେରାବିଶ ବ୍ଲକ ଅଧ୍ୟକ୍ଷ ପଦକୁ ନେଇ ଶାସକ ବିଜେଡିରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏପରି କି ଦୁଇ ଗୋଷ୍ଠୀ ସମାନ ସଂଖ୍ୟକ ଭୋଟ ପାଇଥିବାରୁ ଧର୍ମଗୁଳାରେ ଅଧ୍ୟକ୍ଷ ପଦ ନିର୍ଣ୍ଣୟ କରାଯାଇଛି। ଜିଲାର ରାଜନଗର, ରାଜକନିକା ବ୍ଲକରେ ଅଧ୍ୟକ୍ଷ ପଦ ପାଇଁ କଂଗ୍ରେସ ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପଟ୍ଟାମୁଣ୍ଡାଇ, ଡେରାବିଶ ଓ ଗରଦପୁରରେ ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହି ନିର୍ବାଚନ ପରେ ଜିଲାର ୯ ବ୍ଲକର ଅଧ୍ୟକ୍ଷ ପଦ ବିଜେଡି ହାତକୁ ଯାଇଛି। କେନ୍ଦ୍ରାପଡ଼ା ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତର ସମିତିସଭ୍ୟ ରଶ୍ମିତା ସେଠୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଅଧ୍ୟକ୍ଷା ପଦ ପାଇଛନ୍ତି।

ସେହିପରି ମହାକାଳପଡ଼ା ବ୍ଲକରେ ମହାକାଳପଡ଼ା ପଞ୍ଚାୟତ ସମିତିସଭ୍ୟ କଳ୍ପନା ରାଉତ, ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ପଞ୍ଚାୟତ ସମିତିସଭ୍ୟ ମଧୁସ୍ମିତା ସାମଲ, ଆଳି ବ୍ଲକ ପତ୍ରପୁର ପଞ୍ଚାୟତ ସମିତିସଭ୍ୟ ମନୋରଞ୍ଜନ ସାମଲଙ୍କ ଅଧ୍ୟକ୍ଷ ପଦ ପାଇଁ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିଲେ। ରାଜକନିକା ବ୍ଲକରେ ୨୯ ପଞ୍ଚାୟତ। ଏଠାରେ ବିଜେଡି ସମର୍ଥିତ ପ୍ରାର୍ଥୀ ମିନତି ରାଉତ ଓ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ବାବୁରାମ ଜେନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଅଧ୍ୟକ୍ଷ ପଦ ପାଇଁ ଅସଂରକ୍ଷିତ ଆସନରେ ମିନତି ୮ଟି ଭୋଟ ପାଇଥିଲେ। ଏଠାରେ ଜଣେ ବିଜେଡି ସମର୍ଥିତ ସମିତିସଭ୍ୟ କଂଗ୍ରେସ ପ୍ରାର୍ଥୀ ଜେନାଙ୍କୁ ଭୋଟ ଦେଇଥିବା ଆଲୋଚନା ହେଉଛି। ରାଜନଗର ବ୍ଲକରେ ବିଜେଡି ସମର୍ଥିତ ପ୍ରାର୍ଥୀ ଓଡ଼ିଆ ପଞ୍ଚାୟତ ସମିତିସଭ୍ୟ ପ୍ରତିଭା ପାତ୍ର ଓ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ତଥା କୁରୁଣ୍ଡି ପଞ୍ଚାୟତ ସମିତି ସଭ୍ୟ ପ୍ରେମଲତା ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ପ୍ରତିଭା ୨୦-୯ ଭୋଟ ପାଇ ବିଜୟୀ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକରେ ବିଧାନସଭାସ୍ତରୀୟ ପ୍ରାର୍ଥିତ୍ୱ କଳି ଦେଖିବାକୁ ମିଳିଥିଲା। ଏହି ବ୍ଲକରେ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ୧୯ ପଞ୍ଚାୟତ ଥିବା ବେଳେ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଅବଶିଷ୍ଟ ୧୨ ପଞ୍ଚାୟତ ଅଛି। କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅମୃତମଣୋହୀ ପଞ୍ଚାୟତ ସମିତିସଭ୍ୟ ଅନ୍ନପୂର୍ଣ୍ଣା ମଲ୍ଲିକଙ୍କୁ ୭ ଖଣ୍ଡ ଭୋଟରେ ହରାଇ ରାଜନଗର ବ୍ଲକ ବଡ଼ମୋହନପୁର ସମିତିସଭ୍ୟ ତଥା ଅଧ୍ୟକ୍ଷ ପ୍ରାର୍ଥୀ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ ବିଜୟୀ ହୋଇଛନ୍ତି। ଗରଦପୁର ବ୍ଲକରେ ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଠାରେ ପଦ୍ମପୁର ପଞ୍ଚାୟତର ସମିତିସଭ୍ୟ ଅଭୟ ମହାରାଜ ଓ ଗରଦପୁର ପଞ୍ଚାୟତର ସମିତିସଭ୍ୟ ଦିଲୀପ ପଣ୍ଡାଙ୍କ ମଧ୍ୟରେ ଅଧ୍ୟକ୍ଷ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ତେବେ ମୋଟ୍ ୧୮ ଭୋଟରୁ ୪ ଖଣ୍ଡ ଅଧିକ ପାଇ ଅଭୟ ଅଧ୍ୟକ୍ଷ ପଦ ହାତେଇଛନ୍ତି। ସେହିପରି ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ ଡେରାବିଶ ବ୍ଲକରେ ରୋଚକ ମୁକାବିଲା ହୋଇଥିଲା। ସାହୁଙ୍କ ସମର୍ଥିତ ପ୍ରାର୍ଥୀ ଛୋଟି ପଞ୍ଚାୟତ ସମିତିସଭ୍ୟ ପ୍ରଭାତି ମଲ୍ଲିକ ଓ ବିଧାୟିକାଙ୍କ ସମର୍ଥିତ ପ୍ରାର୍ଥୀ କାଉପଡା ପଞ୍ଚାୟତ ସମିତି ସଭ୍ୟ ମିଳନପ୍ରଭା ମଲ୍ଲିକ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଉଭୟଙ୍କୁ ସମାନ ସଂଖ୍ୟକ ୧୩ଟି ଲେଖାଏ ଭୋଟ ମିଳିଥିଲା। ବ୍ଲକ ନିର୍ବାଚନ ଅଧିକାରୀ ତଥା ରାଜନଗର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଧର୍ମଗୁଳା ପରେ ପ୍ରଭାତି ବିଜୟୀ ହୋଇଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ନାଉଗାଁ,୧୨।୩(ସ୍ୱ.ପ୍ର.):** ନାଉଗାଁ ଥାନା ଅନ୍ତର୍ଗତ ଘୋଡାଂଶ ପଞ୍ଚାୟତ ଓଡପଏଙ୍ଗା ଗାଁର ଜଣେ ଯୁବକଙ୍କୁ ଶନିବାର ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ତାଙ୍କ ବାପା ଅଭୟ ଚରଣ ସ୍ୱାଇଁ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ପୁଅ ଅଭିଳାଷ ଅପରାହ୍ନ ୪ଟାରେ ନାଉଗାଁ ବଜାରସ୍ଥିତ ଏକ ପାନ ଦୋକାନ ସମ୍ମୁଖରେ ଠିଆ ହୋଇଥିଲେ। ଏହି ସମୟରେ ନାଉଗାଁ ଗାଁର ୩ ଜଣ ଯୁବକ ଏକ ବାଇକ୍‌ରେ ଆସି ଅଭିଳାଷଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିଥିଲେ। ପରେ ଅଭିଳାଷଙ୍କ ପାଖରେ ଥିବା ୧୦ ହଜାର ଟଙ୍କା ଓ ସୁନାଚେନ ଛଡ଼ାଇ ନେଇଥିଲେ। ଉପରୋକ୍ତ ବ୍ୟକ୍ତି ଭୁଜାଲି ଓ ଲୁହାରଡ୍‌ରେ ଆକ୍ରମଣ କରିବାରୁ ଅଭିଳାଷ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ପ୍ରଥମେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଆଇଆଇସି ଶୁଭ୍ରାଂଶୁ ଶେଖର ପରିଡ଼ାଙ୍କୁ ପଚାରିବାରେ ଅଭିଯୋଗ ପାଇବା ପରେ ତଦନ୍ତ ଚାଲିଛି। ସତ୍ୟାସତ୍ୟ ଜଣାପଡିବା ପରେ ମାମଲା ରୁଜୁ ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

### ବିରିଡି ବ୍ଲକ ଅଧ୍ୟକ୍ଷା ପଦ ହତେଇଲେ ମମତା

**ବିରିଡି,୧୨।୩(ଡି.ଏନ.ଏ.):** ବିରିଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ବାଚନ ଶନିବାର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୨୧ଟି ପଞ୍ଚାୟତର ସମିତିସଭ୍ୟ ଭାଗ ନେଇଥିଲେ। ବିଜେଡି ସମର୍ଥିତ ମମତା ପାତ୍ର ୧୨ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପିନାକୀ ପ୍ରିୟଦର୍ଶିନୀ ୯ ଖଣ୍ଡ ଭୋଟ ପାଇଛନ୍ତି।

### ପ୍ରକାଶ ହେଲେ ବାଲିକୁଦା ବ୍ଲକ ଅଧ୍ୟକ୍ଷ

**ବାଲିକୁଦା,୧୨।୩(ସ୍ୱ.ପ୍ର.):** ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ପ୍ରକାଶ ପ୍ରଧାନ ନିର୍ବାଚିତ ହୋଇଛନ୍ତି। ପ୍ରଧାନ ଖାଲଗାଁ ପଞ୍ଚାୟତର ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଶନିବାର ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷ ଆସନ ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଆସନ ପାଇଁ ଦୁଇଜଣ ପ୍ରାର୍ଥୀ ନାମାଙ୍କନ କରିଥିଲେ। ପ୍ରକାଶଙ୍କ ସହ ଅଭଳାର ପଞ୍ଚାୟତ ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୩୦ ଜଣ ସମିତିସଭ୍ୟଙ୍କ ମଧ୍ୟରୁ ପ୍ରକାଶଙ୍କ ସପକ୍ଷରେ ୧୯ ଜଣ ଭୋଟ ଦେଇଥିବା ବେଳେ ହରିଙ୍କ ସପକ୍ଷରେ ପଡ଼ିଥିଲା ୧୧ ଖଣ୍ଡ ଭୋଟ। ପରେ ନିର୍ବାଚନ ଅଧିକାରୀ ତଥା ବାଲିକୁଦା ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ ପ୍ରକାଶଙ୍କ ନାମ ଅଧ୍ୟକ୍ଷ ଭାବେ ଘୋଷଣା କରିଥିଲେ। ପ୍ରଧାନ ବାଲିକୁଦା-ଏରସମା ବିଧାୟକ ତଥା ଜଳ ସମ୍ପଦ, ସୂଚନା ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ। ସୂଚନା ଥାଉକି ପ୍ରକାଶ ବିଜେଡି ସମର୍ଥନରେ ପ୍ରାର୍ଥୀ ହୋଇଥିଲେ। ତାଙ୍କର ପ୍ରସ୍ତାବକ ସମରେନ ରାୟ ହୋଇଥିବା ବେଳେ ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ ପ୍ରସ୍ତାବକ ରହିଥିଲେ। ସେହିପରି ଶତପଥୀଙ୍କ ପାଇଁ ପ୍ରସ୍ତାବକ ହୋଇଥିଲେ ଭାଜପା ସମର୍ଥିତ ସମିତିସଭ୍ୟ ଚିତ୍ତରଞ୍ଜନ ମନ୍ତ୍ରୀ ଓ ସମର୍ଥକ ଥିଲେ କଂଗ୍ରେସ ସମର୍ଥିତ ସମିତିସଭ୍ୟ ନାଥ କାଣ୍ଡି। ତହସିଲଦାର ସାହୁ ନିର୍ବାଚନ ପରିଚାଳନା କରିଥିଲେ। ପ୍ରକାଶ ଏବେ ଜିଲା ବିଜେଡି ସାଧାରଣ ସମ୍ପାଦକ ଅଛନ୍ତି।

## ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ରାଜନଗର,୧୨।୩(ଡି.ଏନ.ଏ.)**

ରାଜନଗର ଥାନା ଅନ୍ତର୍ଗତ ମଧୁପୁର ଗାଁର ଧନେଶ୍ୱର ନାୟକ (୮୦) ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଧନେଶ୍ୱର ପାଖ ଗାଁ ରାଜପୁର ଯାଇଥିଲେ। ସେଠାରେ ଶୌଚ ହେବାକୁ ନଦୀକୁ ଯାଇଥିଲେ। ଶୌଚ ହେବା ବେଳେ ଗୋଡ଼ ଖସିଯିବାରୁ ସେ ନଦୀର ଗଭୀର ଜଳକୁ ଖସି ପଡ଼ିଥିଲେ। ପାଖ ଗାଁର ବାସୁଦେବ ରାଉତ ଶନିବାର ଧନେଶ୍ୱରଙ୍କ ମୃତହେଦ ନଦୀରେ ଭାସୁଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ନଦୀରୁ ଧନେଶ୍ୱରଙ୍କ ମୃତଦେହକୁ ଉଦ୍ଧାର କରିଥିଲେ।

## ଲୋକ ଅଦାଲତରେ ୨୧ ଦମ୍ପତିଙ୍କ ପୁନର୍ମିଳନ

**କେନ୍ଦ୍ରାପଡ଼ା ଅଫିସ, ୧୨।୩**

କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ ପରିବାର ଲୋକ ଅଦାଲତ ଜଜ୍ ବିକାଶ କୁମାର ଦେଙ୍କ ଉଦ୍ୟମରେ ୨୧ ଦମ୍ପତିଙ୍କ ପୁନର୍ମିଳନ ହୋଇଛି। ଚଳିତ ଲୋକ ଅଦାଲତରେ ଜିଲାର ୮୫୫ ମାମଲା ବିଚାର ପାଇଁ ପଞ୍ଜୀକୃତ ହୋଇଥିଲା। ସିଭିଲ କେସ୍ ୧୫୧ ମଧ୍ୟରୁ ୫୩ଟି ସମାଧାନ ହୋଇ ୪୧,୮୨,୬୫୮ ଟଙ୍କା ଆଦାୟ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ମୋଟରଯାନ ଦୁର୍ଘଟଣାଜନିତ ୪୨ ମାମଲାରୁ ୯ଟିର ବିଚାର ହୋଇ ୪୩,୩୫,୦୦୦ ଟଙ୍କା, ୪୬୩୨ଟି ବ୍ୟାଙ୍କ ପ୍ରାକ୍ ମକଦ୍ଦମାରୁ ୫୧ଟିରେ ୭,୫୪,୫୦୦ ଟଙ୍କା ଆଦାୟ ପାଇଁ ରାୟରେ ଉଲ୍ଲେଖ ହୋଇଛି। ଏଥିସହ ଫୌଜଦାରି ମାମଲା ୧୧୫ଟି ଓ ପାରିବାରିକ ମାମଲା ୩୮ଟିର ବିଚାର ହୋଇଥିଲା। ଜିଲା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲାଜଜ୍ ଗୋପାଳ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଦାଲତରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ଅଜୟ ପ୍ରଧାନ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଣତି ପଟ୍ଟନାୟକ ଅନ୍ୟ ବିଚାର ପତି ଉପସ୍ଥିତ ଥିଲେ। ଏହାକୁ ପ୍ରାଧିକରଣ ସଚିବ ସଙ୍ଗୀତା ପାଣି ପରିଚାଳନା କରିଥିଲେ।

## ଇମ୍ଫା ପକ୍ଷରୁ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର

**କାଳିଆପାଣି,୧୨।୩(ଡି.ଏନ.ଏ.)**

ଯାଜପୁର ଜିଲା କ୍ରୋମାଇଟ୍ ଖଣି ଅଞ୍ଚଳରେ କାର୍ଯ୍ୟରତ ଇମ୍ଫା କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ପ୍ରତିବଦ୍ଧତାରେ ୨ଟି ସ୍କୁଲର ୧୪୦ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଦିଆଯାଇଛି। କମ୍ପାନୀର ବଂଶୀଧର ଓ ଇଲ୍ଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ କାଳିଆପାଣି ଓଡ଼ିଶା ଖଣି ନିଗମ ଉଚ୍ଚ ବିଦ୍ୟାଳୟ ଓ ଚିଙ୍ଗୁଡିପାଳ ପଞ୍ଚାୟତର ସୌରିକ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଉକ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ସେଣ୍ଟ ଜୋନ୍ସ ଆମ୍ବୋଲାନ୍ସର ପ୍ରଶିକ୍ଷକ ଡ. ଦିଲୀପ ମିଶ୍ର ଓ ବିପିନ ବିହାରୀ କର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଇମ୍ଫାର ଖଣି ମହାପ୍ରବନ୍ଧକ ଲଲାଟେନ୍ଦୁ ମହାପାତ୍ର, ପ୍ରଶାସନିକ ମୁଖ୍ୟ ଦ୍ୟୁତିରାଜ ଜଗଦାନନ୍ଦ ନାୟକ, ସୁରକ୍ଷା ବିଭାଗ ମୁଖ୍ୟ କମଲ ଲୋଚନ ମିଶ୍ର, ଲୋକସମ୍ପର୍କ ପରିଚାଳକ ଜଗନ ମୋହନ ମଲ୍ଲିକ ଯୋଗଦେଇ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ଓ ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସୌରିକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାନ୍ତ ଓ କାଳିଆପାଣି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କମ୍ପାନୀର ଲୋକସମ୍ପର୍କ ଅଧିକାରୀ ମିଳନ ରଞ୍ଜନ କର, ଇଲ୍ଲା ପଣ୍ଡା ଫାଉଣ୍ଡେଶନର ପ୍ରିୟବ୍ରତ ପରିଡ଼ା, ସମ୍ଭୁନାଥ ନାୟକ, ସାଗର ଦାସ ଓ ଗୀତାଞ୍ଜଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥି ଓ ପ୍ରଶିକ୍ଷାର୍ଥୀ।

## ୧୫ ବର୍ଷ ପରେ ବିଜେଡି କବ୍‌ଜାରେ ନାଉଗାଁ ବ୍ଲକ

**ନାଉଗାଁ,୧୨।୩(ସ୍ୱ.ପ୍ର.)**

୧୫ ବର୍ଷ ପରେ ବିଜେଡି ସମର୍ଥିତଙ୍କ ହାତରେ ନାଉଗାଁ ବ୍ଲକ ଅଧ୍ୟକ୍ଷା ପଦ ରହିଥିବାରୁ ବିଜେଡି କର୍ମୀଙ୍କ ମହଲରେ ଖୁସିର ଲହରି ଦେଖାଦେଇଛି। ଅଧ୍ୟକ୍ଷା ଭାବେ ତୃପ୍ତି ଲେଙ୍କା ନିର୍ବାଚିତ ହୋଇଛନ୍ତି। ତୃପ୍ତି ନିଜ ବିଜେଡି ସମର୍ଥକଙ୍କ ଗହଣରେ ଆସି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ବ୍ଲକ ସମ୍ମିଳନୀ କକ୍ଷରେ ନିର୍ବାଚନ ଅଧିକାରୀ ତଥା ବିଡିଓ ରଶ୍ମିରେଖା ମଲିକ, ଜିପିଓ ଦିନେଶ ରାୟଙ୍କ ନିକଟରେ ଲେଙ୍କା ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି କଂଗ୍ରେସ ସମର୍ଥିତ ପ୍ରାର୍ଥିନୀ ନୂଆଗାଁ ପଞ୍ଚାୟତ ସମିତି ସଭ୍ୟା ସୁଶ୍ରୀ ଶ୍ରାବଣୀ ରାୟ ନିଜ ସମର୍ଥକମାନଙ୍କ ସହ ଆସି ଅଧ୍ୟକ୍ଷା ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟରେ ଭୋଟ ଗ୍ରହଣ କରାଯାଇଥିଲା। ଗଣତି ପରେ ତୃପ୍ତି ୧୧ ଖଣ୍ଡ ଭୋଟ ପାଇଥିବା ବେଳେ ଶ୍ରାବଣୀ ୫ଟି ଭୋଟ ପାଇଥିଲେ। ପଞ୍ଚାୟତ ନିର୍ବାଚନରେ ଓଷକଣା, ଶିଖର, ବାଂଶ, ଡାବର, ଗଳଦାରୀ, ଜାମୁଗାଁ, ଅଲଣା ପଞ୍ଚାୟତରେ ବିଜେଡି ସମର୍ଥିତ ସମିତିସଭ୍ୟ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ସେହିପରି ନାଉଗାଁ, ତିରୁଣା, ରୋହିଆ, ନୂଆଗାଁ, ଗଜରାଜପୁର ପଞ୍ଚାୟତରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ସେହିପରି ସ୍ୱାଧୀନ ଭାବେ ଡେରିକି, ବଛାଲୋ, ଘୋଡାଂଶ, କୋରୁଆ ପଞ୍ଚାୟତର ସମିତିସଭ୍ୟ ନିର୍ବାଚିତ ହୋଇଥିଲେ। ଏହି ୪ ଅସନ୍ତୁଷ୍ଟ ବିଜେଡି ପ୍ରାର୍ଥୀ ଥିଲେ। ସ୍ୱାଧୀନ ଭାବେ ୪ ଜଣ ନିର୍ବାଚିତ ହୋଇଥିବାରୁ ଉଭୟ କଂଗ୍ରେସ ଓ ବିଜେଡି ସମର୍ଥିତଙ୍କ ନଜର ସ୍ୱାଧୀନଙ୍କ ଉପରେ ରହିଥିଲା। ପରବର୍ତ୍ତୀ ସମୟରେ ଅସନ୍ତୁଷ୍ଟଙ୍କୁ ମନେଇବାରେ କଂଗ୍ରେସ ବିଫଳ ହୋଇଥିବା ବେଳେ ଉକ୍ତ ୪ ସ୍ୱାଧୀନ ପ୍ରାର୍ଥୀଙ୍କୁ ବିଜେଡି ହାତେଇବାରେ ସଫଳ ହୋଇଥିଲା। ସ୍ୱାଧୀନ ସମିତିସଭ୍ୟମାନେ ବିଜେଡି ସମର୍ଥିତ ଅଧ୍ୟକ୍ଷା ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ।

## କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ହେଲେ ନିନାରାଣୀ

**କୁଜଙ୍ଗ ୧୨।୩ (ଡି.ଏନ.ଏ.)**

କୁଜଙ୍ଗ ବ୍ଲକ ୨୮ଟି ପଞ୍ଚାୟତକୁ ନେଇ ଗଠିତ। ଏହାର ଅଧ୍ୟକ୍ଷା ଭାବେ ନିନାରାଣୀ ସାହୁ ଶନିବାର ନିର୍ବାଚିତ ହୋଇଛନ୍ତି। ସେ ୧୯ଟି ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅରବିନ୍ଦା ତରାଇ ୯ ଖଣ୍ଡ ଭୋଟ ପାଇଥିଲେ। ନିନାରାଣୀ ଅଗପାଳ ପଞ୍ଚାୟତରୁ ବିଜେଡି ସମର୍ଥିତ ସମିତିସଭ୍ୟା ଭାବେ ବିଜୟୀ ହୋଇଥିଲେ। ପାରାଦୀପଗଡ ପଞ୍ଚାୟତରୁ ବିଜେଡି ସମର୍ଥନରେ ଅରବିନ୍ଦା ସମିତିସଭ୍ୟା ଭାବେ ମଧ ନିର୍ବାଚିତ ହୋଇଥିଲେ। ମାତ୍ର ଅଧ୍ୟକ୍ଷା ପଦ ନିମନ୍ତେ ପ୍ରଥମରୁ ଅରବିନ୍ଦା ତାଙ୍କ ପ୍ରାର୍ଥିତ୍ୱକୁ ଉପସ୍ଥାପନା କରିଥିଲେ ବି ପାରାଦୀପ ବିଧାୟକ ସମ୍ବିତ୍ ରାଉତରାୟ ଗ୍ରହଣ କରି ନ ଥିଲେ। ଫଳରେ ଶେଷ ମୁହୂର୍ତ୍ତରେ ବିଧାୟକଙ୍କ ନିଷ୍ପତ୍ତିକୁ ଅବଜ୍ଞା କରିବା ସହ ବିରୋଧୀ ସମିତିସଭ୍ୟଙ୍କ ସହ ହାତ ମିଳାଇ ଅଧ୍ୟକ୍ଷା ପଦ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ନିନାରଣୀ ବିଜୟୀ ପରେ ବ୍ଲକ ନିର୍ବାଚନ ଅଧିକାରୀ ସୌମଶ୍ରୀ ପାଣିଗ୍ରାହୀ ତାଙ୍କୁ ପ୍ରମାଣପତ୍ର ଦେଇଥିଲେ।

## ୧୬ ଭାଜପା ନେତାଙ୍କ ଇସ୍ତଫା

### ବ୍ୟାସନଗର ପୌର ନିର୍ବାଚନ ପୂର୍ବରୁ ଫାଟ

**ଯାଜପୁର ଅଫିସ,୧୨।୩**

ପୌର ନିର୍ବାଚନକୁ ଆଉ ୧୨ଦିନ ବାକି ଅଛି। ହେଲେ ନିର୍ବାଚନ ମୁକାବିଲା ଭିତରେ ବ୍ୟାସନଗର ପୌରାଞ୍ଚଳର ୧୬ ଆଗଧାଡ଼ି ଭାଜପା ନେତା ଶୁକ୍ରବାର ଦଳରୁ ଇସ୍ତଫା ଦେଇଛନ୍ତି। ଫଳରେ ଭାଜପାରେ ଫାଟ ସୃଷ୍ଟି ହୋଇଛି ବୋଲି ଚର୍ଚ୍ଚା ଜୋର ଧରିଛି। ଗତ ପଞ୍ଚାୟତ ନିର୍ବାଚନରେ ଭାଜପାର ଭୋଟହାର ହ୍ରାସ ପାଇବା ଏବଂ ବରିଷ୍ଠ ନେତାଙ୍କ ଇସ୍ତଫା ଦଳରେ ବିଭ୍ରାଟ ସୃଷ୍ଟି କରିଛି। ଏହାର ପ୍ରଭାବ ମ୍ୟୁନିସିପାଲିଟି ନିର୍ବାଚନରେ ପକାଇବ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

ବ୍ୟାସଦେବ ମଣ୍ଡଳ ଭାଜପା ମିଡିଆ ସେଲ ସମ୍ପାଦକ ଦୁଷ୍ମନ୍ତ ରାଉତ, ଉପସଭାପତି ବସନ୍ତ ପାତ୍ର, ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ପଟ୍ଟନାୟକ, ଉପସଭାପତି କମଳିନୀ ସାମଲ, ପୂର୍ବତନ ମହିଳାମୋର୍ଚ୍ଚା ସଭାନେତ୍ରୀ ବିଦ୍ୟୁତପ୍ରଭା ରାୟ, ସନାତନ ମଲ୍ଲିକ, ପୂର୍ବତନ ଯୁବମୋର୍ଚ୍ଚା ସମ୍ପାଦକ ଅସିତ ଦାସ, ପୂର୍ବତନ ମହିଳାମୋର୍ଚ୍ଚା ଉପସଭାନେତ୍ରୀ ରୀନା ପାତ୍ର, ପ୍ରଭାତି ପଟ୍ଟନାୟକ, ପୂର୍ବତନ ଓବିସି ସେଲ ସଭାପତି ଉମେଶ ମଲ୍ଲିକ, ପୁଷ୍ପଲତା ଦାସ, ପ୍ରଫୁଲ୍ଲ ବାରିକ, ସୁମନ ରୟ, ଗୌରୀଶଙ୍କର ପତି, ଅଭିଷେକ ମଲ୍ଲ, ଲିଲି ମଲ୍ଲିକ ପ୍ରମୁଖ ସମୂହ ଇସ୍ତଫା ପତ୍ର ଭାଜପା ଜିଲା ସଭାପତିଙ୍କୁ ପ୍ରଦାନ କରିଛନ୍ତି। ଇସ୍ତଫାପତ୍ରରେ ଦର୍ଶାଇଛନ୍ତି ଯେ, ବିଭିନ୍ନ କାର୍ଯ୍ୟକ୍ରମରେ ସେମାନଙ୍କୁ ଅଣଦେଖା କରାଯାଉଛି। ସୂଚନା ନ ଦେଇ ପଦପଦବୀରୁ କାଢ଼ି ଦିଆଯାଇଛି। ତଥାପି ସେମାନେ ଗତ ସାଧାରଣ ନିର୍ବାଚନରେ ସକ୍ରିୟ ଭାବେ କାମ କରିଥିଲେ। କିନ୍ତୁ ସାଧାରଣ ନିର୍ବାଚନ ପରେ ଦଳର ସାଙ୍ଗଠନିକ ସ୍ଥିତି ଦୁର୍ବଳ ହୋଇପଡ଼ିଛି। ଚଳିତ ମ୍ୟୁନିସିପାଲିଟି ନିର୍ବାଚନରେ ସେମାନଙ୍କୁ ଉପେକ୍ଷା କରାଯାଉଛି। ତେଣୁ ଜିଲା ସଭାପତିଙ୍କ ସମେତ ରାଜ୍ୟ ଭାଜପା ସଭାପତି, ଜାତୀୟ ସଭାପତି ପ୍ରମୁଖଙ୍କୁ ଇସ୍ତଫା ପତ୍ର ପ୍ରେରଣ କରାଯାଇଛି। ବାସ୍ତବରେ ଗତ ନିର୍ବାଚନ ପୂର୍ବରୁ ଓ ପରେ କେତେଜଣ ଭାଜପା ନେତା ଦଳକୁ ଆବୋରି ନେବା ଭଳି କାମ କରୁଥିବା ମନେ ହେଉଛି। ଏହିକ୍ରମରେ ଏକାଧିକ ସକ୍ରିୟ ଓ ଦକ୍ଷ ନେତାଙ୍କୁ କୋଣଠେସା କରାଯାଉଛି।

ଏହାସହ ପୂର୍ବତନ ଜିଲା ଭାଜପାର ଯୁବମୋର୍ଚ୍ଚା ସଭାପତି ଇଂ. ଆଲେକଜାଣ୍ଡାର ଦାସଙ୍କୁ ମଧ୍ୟ ଦଳରୁ ବାହାର କରି ଦେଇଥିବା ଭଳି ପଦକ୍ଷେପ ନିଆଯାଇଛି। ତେଣୁ ବ୍ୟାସନଗର ମ୍ୟୁନିସିପାଲିଟିରେ ଭାଜପା ସାଙ୍ଗଠନିକସ୍ଥିତି ଅତି ଦୁର୍ବଳ ଅବସ୍ଥାରେ ରହିଛି। ଅନ୍ୟପକ୍ଷେ ଏହି ପୌର ନିର୍ବାଚନରେ କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରେ ରହିଛି। ତେଣୁ ଗତ ପଞ୍ଚାୟତ ନିର୍ବାଚନରେ କୋରେଇରେ କଂଗ୍ରେସର ଅଣ୍ଟା ସଳଖୁଥିବା ଭୋଟହାରରୁ ଜଣାପଡ଼ିଛି। ଯାହାକି ବ୍ୟାସନଗର ମ୍ୟୁନିସିପାଲିଟି ନିର୍ବାଚନରେ ପ୍ରଭାବ ପକାଇବ ବୋଲି କୁହାଯାଉଛି। କେତେଜଣ ରାଜ୍ୟସ୍ତରୀୟ ଓ ଜିଲାସ୍ତରୀୟ ନେତାଙ୍କ ଅଦୂରଦର୍ଶିତା ଏଠାରେ ଭାଜପାକୁ ଦୁର୍ଦ୍ଦିନ ଆଡକୁ ଟାଣି ନେଉଛି ବୋଲି ଚର୍ଚ୍ଚା ହେଉଛି।

## ଏନ୍‌ଏସ୍‌ଏସ୍‌ର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ରାଜନଗର,୧୨।୩**

ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଜିଲାସ୍ତରୀୟ ଜାତୀୟ ସେବା ସଂସ୍ଥାର ପ୍ରଶିକ୍ଷଣ ଶିବିର ଶନିବାରଠାରୁ ଆରମ୍ଭ ହୋଇଛି। ଏଥିରେ କେନ୍ଦ୍ରାପଡା ଜିଲାର ବିଭିନ୍ନ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଜାତୀୟ ସେବା ସଂସ୍ଥାର ମୁଖ୍ୟ ପ୍ରଫେସର ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କରୋନା ମହାମାରୀ ଭିତରେ ମଣିଷ ଏକ ପ୍ରକାର ସଂତ୍ରସ୍ତ ଅବସ୍ଥାରେ ଥିଲା। ଏବେ ସମୟ ବଦଳିଛି, ଆମେ ମୁଖ୍ୟ ସ୍ରୋତକୁ ଫେରୁଛୁ ବୋଲି କହିଥିଲେ । ଅଧ୍ୟାପକ ସନ୍ଦୀପ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଜିଲା ଜାତୀୟ ସେବା ସଂସ୍ଥାର ସଂଯୋଜକ ଡ. ପଦ୍ମଜା କବି ଶତ୍ୟାର୍ଥୀ, ଡେପୁଟୀ କମିଶନର ଡ. ପଦ୍ମଲୋଚନ ରାଉତ, ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଏହି ଶିବିରର ଆଭିମୁଖ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଜାତୀୟ ସେବା ସଂସ୍ଥାର ସଂଯୋଜିକା ପ୍ରାଧ୍ୟାପିକା ଅନୁସୂୟା ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ।



ଶିବିରରେ ଉପସ୍ଥିତ ଅତିଥିମାନେ।

## ଘରକୁ ଘର ପ୍ରଚାରରେ ପ୍ରାର୍ଥୀ, ମୁଖ୍ୟଙ୍କୁ ଅଡୁଆ ବିଦ୍ରୋହୀ

**ପାରାଦୀପ ୧୨।୩(ସ୍ୱ.ପ୍ର.)**

### ପାରାଦୀପ ପୌର ନିର୍ବାଚନ

ପାରାଦୀପ ପୌର ନିର୍ବାଚନ ପାଇଁ ସମସ୍ତ ପ୍ରାର୍ଥୀ ଘରକୁ ଘର ବୁଲି ପ୍ରଚାର ଆରମ୍ଭ କରିଦେଇଛନ୍ତି। ବେକରେ ଫୁଲହାର, ଦଳୀୟ ଓ ସାଦା ପତାକା ଏବଂ ନିଜର ପୁସିଂ କାର୍ଡ ଧରି ପ୍ରଚାର କରୁଛନ୍ତି। ଏପରିକି ସୋସିଆଲ ମିଡିଆରେ ମଧ ବ୍ୟାପକ ପ୍ରଚାର କରାଯାଉଛି। ଆଉ କେତେଜଣ ଭୋଟରଙ୍କ ମୋବାଇଲକୁ ଫୋନ ଓ ହ୍ୱାଟ୍ସଆପ୍‌ରେ ଯୋଗାଯୋଗ କରୁଛନ୍ତି।

ସୂଚନାଯୋଗ୍ୟ, ପାରାଦୀପର୧୯ଟି ୱାର୍ଡ ପାଇଁ ୭୫ ଜଣ କାଉନସିଲର ପ୍ରାର୍ଥୀ ଓ ଅଧ୍ୟକ୍ଷ ପଦ ପାଇଁ ୬ ଜଣ ଭାଗ ନେଇଛନ୍ତି। ୮ ଓ ୧୮ନଂ. ୱାର୍ଡରେ ୬ ଜଣ ଲେଖାଏ କାଉନସିଲର ପ୍ରାର୍ଥୀ ଅଛନ୍ତି। ଅନ୍ୟ ୱାର୍ଡରେ ୩, ୪, ୫ ଲେଖାଏଁ ଅଛନ୍ତି। ୧୪ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବାକୁ ଦିନ ଧାର୍ଯ୍ୟ ହୋଇଛି। ୧୮ନଂ. ୱାର୍ଡରେ ବାପ, ପୁଅ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ୮ନଂ. ୱାର୍ଡରେ ଦାଦା, ପୁତୁରା ପରସ୍ପର ବିରୋଧରେ ମଇଦାନକୁ ଓହ୍ଲାଇଛନ୍ତି। ଏଭଳି ସ୍ଥଳେ ଅଧିକ ପ୍ରଚାର ବିଜେଡି ପକ୍ଷରୁ ଦେଖିବାକୁ ମିଳିଛି। ଏହି ଶାସକ ଦଳ ପାଇଁ ଅଡୁଆ ହୋଇଛନ୍ତି ବିଦ୍ରୋହୀ ପ୍ରାର୍ଥୀ। ସେମାନେ ଖୋଲାଖୋଲି କହୁଛନ୍ତି ଆମେ ବିଦ୍ରୋହୀ। ୧୯ଟି ୱାର୍ଡ ମଧ୍ୟରୁ କଂଗ୍ରେସ ଗୋଟିଏ ଜାଗାରେ ଥିବା ବେଳେ ଭାଜପା ଓ ବିଜେଡି ସବୁ ୱାର୍ଡରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସବୁଠାରୁ ଆକର୍ଷଣ ରହିଛି ଅଧ୍ୟକ୍ଷ ପଦ ପାଇଁ। ଏଥିରେ ଭାଗ ନେଇଥିବା ୬ ଜଣଙ୍କ ମଧ୍ୟରୁ ୩ ଜଣ ପ୍ରଚାର ଦୌଡ଼ରେ ଅଛନ୍ତି। ବିଜେଡିର ବସନ୍ତ ବିଶ୍ୱାଳ, ଭାଜପାର ଗୌତମ ନାୟକ ଓ ସ୍ୱାଧୀନ ଭାବେ ଦେବବ୍ରତ ସାହୁ ଚର୍ଚ୍ଚାରେ ଅଛନ୍ତି। ସୂଚନାଯୋଗ୍ୟ, ବସନ୍ତ ଓ ଗୌତମ ୨୦୧୫ ପୌର ନିର୍ବାଚନରେ ୧୨ନଂ. ୱାର୍ଡ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।


ପାରାଦୀପ ପୌର ନିର୍ବାଚନରେ ବିଜେଡିର ଅଧ୍ୟକ୍ଷ ପ୍ରାର୍ଥୀ ବସନ୍ତ ବିଶ୍ୱାଳ କର୍ମୀଙ୍କ ଗହଣରେ ପ୍ରଚାର କରୁଛନ୍ତି।

## ୧୩ନଂ. ୱାର୍ଡରେ ହେବ ତ୍ରିମୁଖୀ ଲଢ଼େଇ

**ଜଗତ୍‌ସିଂହପୁର ଅଫିସ, ୧୨।୩**

### ଜଗତ୍‌ସିଂହପୁର ପୌର ନିର୍ବାଚନ

- ଗତଥର ବିଜେଡି ପ୍ରାର୍ଥୀ ୫ ଖଣ୍ଡ ଭୋଟରେ ଜିତିଥିଲେ
- ଭାଜପାକୁ ମିଳିଥିଲା ୧୭ ଖଣ୍ଡ ଭୋଟ



ଜଗତ୍‌ସିଂହପୁର ପୌର ପରିଷଦ ଅନ୍ତର୍ଗତ ୧୩ ନଂ. ୱାର୍ଡକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କାରଣ ୨୦୧୩ ନିର୍ବାଚନରେ ଏହି ୱାର୍ଡରେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଏପରିକି କଂଗ୍ରେସଠାରୁ ବିଜେଡି ପ୍ରାର୍ଥୀ ମାତ୍ର ୫ ଖଣ୍ଡ ଅଧିକ ଭୋଟ ପାଇ ଜିତିଥିଲେ। ଆଗାମୀ ନିର୍ବାଚନରେ କିନ୍ତୁ ଚିତ୍ର ବଦଳିବା ସମ୍ଭାବନା ରହିଛି। କାରଣ ସେତେବେଳେ ଭାଜପା ଏତେଟା ସକ୍ରିୟ ନ ଥିଲା। ଏହା ଭିତରେ ଭାଜପା ତା'ର ଶକ୍ତି ବୃଦ୍ଧି କରିଛି। ତେଣୁ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖୀ ଲଢେଇ ହେବା ସମ୍ଭାବନା ଥିବା ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

୧୩ନଂ. ୱାର୍ଡ କହିଲେ ଦେଭୋଗ ଅଞ୍ଚଳକୁ ବୁଝାଯାଏ। ଗତ ନିର୍ବାଚନରେ ୱାର୍ଡଟି ପଛୁଆ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ମୋଟ ଭୋଟର ଥିଲେ ୧,୨୫୪, ଯେଉଁଥିରୁ ୧,୦୭୨ ଜଣ ମତାଧିକାର ସାବ୍ୟସ୍ତ କରିପାରିଥିଲେ। ଏହି ନିର୍ବାଚନରେ ବିଜେଡିରୁ କମଳ କ୍ରିଷ୍ଣା ବେହେରା, କଂଗ୍ରେସରୁ କୁନାବାଳା ଦେଇ ଓ ଭାଜପାରୁ ସୋନାଲି ଦାସ ପାରିଷଦ ପ୍ରାର୍ଥୀ ହୋଇଥିଲେ। ବଡ଼କଥା ହେଲା ବିଜେଡି ଓ କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। କଂଗ୍ରେସ ପ୍ରାର୍ଥୀ କୁନାବାଳାଙ୍କୁ ୫୨୦ ଖଣ୍ଡ ଭୋଟ ମିଳିଥିବାବେଳେ ବିଜେଡିର କ୍ରିଷ୍ଣାଙ୍କ ସପକ୍ଷରେ ମାତ୍ର ୫ ଖଣ୍ଡ ଅଧିକ ଯାଇଥିଲା। ସେତେବେଳେ ଏହି ପ୍ରସଙ୍ଗ ଚର୍ଚ୍ଚାର ବିଷୟ ହୋଇଥିଲା। ଭାଜପା ସ୍ଥିତି କିନ୍ତୁ ଦୁର୍ବଳ ପରିଲକ୍ଷିତ ହୋଇଥିଲା। ଏହି ଦଳର ପ୍ରାର୍ଥୀଙ୍କୁ ମାତ୍ର ୧୭ଟି ଭୋଟ ମିଳିଥିଲା। ଏହା ଭିତରେ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ସାଙ୍ଗଠନିକ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଗତ ସାଧାରଣ ନିର୍ବାଚନରେ ମହାପାତ୍ର ବିଧାୟକ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ଏହି ୱାର୍ଡରୁ ତାଙ୍କୁ ସନ୍ତୋଷଜନକ ଭୋଟ ମିଳିଥିଲା। ଏହି ଆଧାରରେ ବିଜେଡି ଓ କଂଗ୍ରେସ ସହ ତାଳ ଦେଇଛନ୍ତି ଭାଜପା ପ୍ରାର୍ଥୀ। ଏଥର ୱାର୍ଡରେ ୨ଟି ବୁଥ୍ (ନଂ. ୧୯ ଓ ୨୦) କରାଯାଇଛି। ମୋଟ ଭୋଟର ଅଛନ୍ତି ୧,୨୬୬ ଜଣ, ଯେଉଁଥିରେ ମହିଳା ୬୧୬ ଓ ପୁରୁଷ ଭୋଟର ସଂଖ୍ୟା ୬୫୦ ରହିଛି। ପାରିଷଦ ହେବା ପାଇଁ ୱାର୍ଡଟି ଅନୁସୂଚିତ ଜନଜାତିଙ୍କ ଲାଗି ସଂରକ୍ଷିତ କରାଯାଇଛି। ଏଥର ଏହି ୱାର୍ଡରୁ ବିଜେଡିରୁ ମାନକା ହେମ୍ବ୍ରମ୍, କଂଗ୍ରେସରୁ ଫୁଲ ଟୁଡୁ ଓ ଭାଜପାରୁ ସବିତା ପ୍ରଧାନ ପାରିଷଦ ପ୍ରାର୍ଥୀ ହୋଇଛନ୍ତି। ଗତଥର ପରି ଏଥର ଏହି ୱାର୍ଡରେ ଏପର୍ଯ୍ୟନ୍ତ ପ୍ରଚାର ସରଗରମ ହୋଇନି। କାରଣ ୱାର୍ଡଟି ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାରୁ ପ୍ରାର୍ଥୀ ଚୟନରେ ସମସ୍ୟା ହୋଇଥିଲା। ଏହି ୱାର୍ଡରେ ଏହି ବର୍ଗର ଲୋକ ନ ମିଳିବାରୁ ବିଜେଡି ଓ କଂଗ୍ରେସ ଅନ୍ୟ ୱାର୍ଡ ଯଥା ମାର୍କଣ୍ଡପୁରର ଭୋଟରଙ୍କୁ ପ୍ରାର୍ଥୀ ଭାବେ ଚୟନ କରିଥିଲେ। ଭାଜପା ମଧ ଚାଟରାରୁ ପ୍ରାର୍ଥୀ କରିଥିଲା। ଏହି ପ୍ରାର୍ଥୀମାନଙ୍କ ଦେଭୋଗ ଭୋଟରଙ୍କ ସହ ସେତେଟା ସମ୍ପର୍କ ନ ଥିବାରୁ ଅଡୁଆ ହେଉଛି। ଦଳୀୟ ନେତାମାନେ ଆଗଭଳି ସକ୍ରିୟ ରହୁନାହାନ୍ତି। ୧୪ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ୩ ପ୍ରମୁଖ ଦଳ ୱାର୍ଡରେ ରଣନୀତି ତୀବ୍ର କରିବେ ବୋଲି କୁହାଯାଉଛି। ୱାର୍ଡରେ ବିଜେଡିର ଗୋଷ୍ଠୀକନ୍ଦଳ ରହିଛି। କଂଗ୍ରେସର ଜଣେ ଆଗଧାଡିଆ ନେତାଙ୍କ ସମ୍ପର୍କୀୟ ବିଜେଡି ଅଧ୍ୟକ୍ଷା ପ୍ରାର୍ଥୀ ହୋଇଥିବାରୁ ସେ ଏକପ୍ରକାର ନୀରବ ରହୁଛନ୍ତି। ଏହି ୨ ଦଳର ପ୍ରଚାରରେ ଶିଥିଳତା କାରଣରୁ ଭାଜପା ମଧ ସେତେଟା ସକ୍ରିୟ ହୋଇନାହିଁ। ଆଗକୁ ଦେଖିବାର ଅଛି ୱାର୍ଡରେ ରାଜନୈତିକ ପରିବେଶ କିପରି ବଦଳୁଛି।

## ସଂକ୍ଷେପରେ

### ଜାତୀୟ ଲୋକ ଅଦାଲତ ୩ ଲକ୍ଷ ୫୩ ହଜାର ୮୫୦ ଟଙ୍କା ଆଦାୟ

**ଓଡ଼ଗାଁ,୧୨।୩(ସ୍ୱ.ପ୍ର.):** ଶନିବାର ନୟାଗଡ଼ ଜିଲା ଓଡ଼ଗାଁ ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ସିନିୟର ସିଭିଲ ଜଜ୍ ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ଶିବାଶିଷ ଗିରି, ଅଧ୍ୟକ୍ଷ ତାଲୁକା ଲିଗାଲ ସର୍ଭିସ ତଥା ସିଭିଲ ଜଜ ସୃଜନ ସାରସ୍ୱତ ଏବଂ ଗ୍ରାମ୍ୟ ନ୍ୟାୟାଧିକାରୀ ସୁଧାବାଇ ଅଗ୍ରୱାଲଙ୍କ ଉପସ୍ଥିତିରେ ୧୬୩ ବ୍ୟାଙ୍କ ସମ୍ବନ୍ଧୀୟ ମାମଲାରୁ ୧୩ ମାମଲାର ଫଇସଲା କରାଯାଇଥିଲା । ସେମାନଙ୍କଠାରୁ ୩ ଲକ୍ଷ ୫୩ ହଜାର ୮୫୦ ଟଙ୍କା ଅସୁଲ ହୋଇଥିଲା । ଏହା ସହିତ ବରିଷ୍ଠ ଦେୱାନୀ ଅଦାଲତରେ ୧୯ ଏବଂ କନିଷ୍ଠ ଦେୱାନୀ ଅଦାଲତରେ ୧୧ ମକଦ୍ଦମାର ଫଇସଲା କରାଯାଇଥିଲା । ସେହିପରି ଗ୍ରାମ ନ୍ୟାୟାଳୟରେ ଫୌଜଦାରୀ ୨୬ ମକଦ୍ଦମା ଓ ବୈବାହିକ ସମ୍ପର୍କିତ ଗୋଟିଏ ମାମଲାର ସମାଧାନ କରାଯାଇଛି ।

### ସୂର୍ଯ୍ୟକାନ୍ତ ଆନ୍ତଃ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ ପାଇଁ ମନୋନୀତ

**ଓଡ଼ଗାଁ,୧୨।୩ (ସ୍ୱ.ପ୍ର.):** ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ର ସୂର୍ଯ୍ୟକାନ୍ତ ବେହେରା ସର୍ବଭାରତୀୟସ୍ତରରେ ଆୟୋଜିତ ହେବାକୁ ଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଟାଏକୋଣ୍ଡୋ ପାଇଁ ମନୋନୀତ ହୋଇଛନ୍ତି । କେରଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆସନ୍ତା ୨୧ରୁ ଆରମ୍ଭ ହେବାକୁ ଥିବା ଏହି ପ୍ରତିଯୋଗିତା ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ମନୋନୀତ ହୋଇଛନ୍ତି । ଅଧ୍ୟକ୍ଷ ଓମାର ମଲିକ, ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ, ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ହୋତାଙ୍କ ସମେତ ଛାତ୍ରୀଛାତ୍ର, ଅଧ୍ୟାପକ ଓ ଅଭିଭାବକମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ଜିଲାସ୍ତରୀୟ ଓପନ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୧୨।୩:** ନୟାଗଡ଼ ଜିଲା ଚେସ୍ ଆସୋସିଏଶନ ଏବଂ କୃଷ୍ଣଚନ୍ଦ୍ର କ୍ଲବ,ନୟାଗଡ଼ ଆନୁକୂଲ୍ୟରେ ନୟାଗଡ଼ ଜିଲାସ୍ତରୀୟ ଓପନ ଚେସ୍ ଟୁର୍ନାମେଣ୍ଟ ସ୍ଥାନୀୟ କେସି କ୍ଲବ ସଭାଗୃହରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ସମଗ୍ର ଜିଲାରୁ ୨୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଏମାନଙ୍କ ମଧ୍ୟରେ ୪ଜଣ ଛୋଟ ପିଲା ଅଂଶ ଗ୍ରହଣ କରିଥିବା ବେଳେ ୩ଜଣ ଝିଅ ମଧ ଅଂଶ ଗ୍ରହଣ କରିଛନ୍ତି । ଅଲ ଓଡ଼ିଶା ଚେସ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ସ୍ୱିସ୍ ଲିଗ ସିଷ୍ଟମ ମାଧମରେ ଖେଳାଯାଉଛି । ଦୁଇ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୬ ରାଉଣ୍ଡ ଖେଳା ଯିବାକୁ ଥିବା ବେଳେ ପ୍ରଥମ ଦିନରେ ୩ ରାଉଣ୍ଡ ଖେଳ ସମ୍ପୂର୍ଣ୍ଣ ହୋଇଛି । ଜିଲା ଚେସ ଆସୋଏଶନ ସଭାପତି ଚିତ୍ତରଞ୍ଜନ ତ୍ରିପାଠୀ,ଉପସଭାପତି ସତ୍ୟନାରାୟଣ ଶତପଥୀ, ସମ୍ପାଦକ ସ୍ୱଦେଶ ରଥଙ୍କ ସମେତ ଆୟୋଜକ ଧୀରେନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । କ୍ଲବ ପକ୍ଷରୁ ସମ୍ପାଦକ ପ୍ରଭାତ ସାହୁ,ପ୍ରଶାନ୍ତ ହଜାରୀ, ଲକ୍ଷ୍ମୀଧର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଅତିଥିଭାବେ ଅବସରପ୍ରାପ୍ତ କୋଚ ଆଲୋକ ଦାଶ ଉପସ୍ଥିତ ରହିଥିବା ବେଳେ ଆର୍ବିଟର ଭାବେ ସନ୍ତୋଷ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ । ରବିବାର ଶେଷ ଦିନରେ ଅବଶିଷ୍ଟ ୩ଟି ରାଉଣ୍ଡ ମ୍ୟାଚ ଖେଳାଯାଇ ଶ୍ରେଷ୍ଠ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ।

### ଦୁର୍ଘଟଣାରେ ଯୁବକ ମୃତ

**ବ୍ରହ୍ମପୁର ଅଫିସ,୧୨।୩:** ରାସ୍ତା ଉପରେ ଠିଆ ହୋଇଥିବା ଜଣେ ଯୁବକଙ୍କୁ ଏକ ଗାଡି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି । ମୃତ ଯୁବକ ଜଣଙ୍କ ସଦର ଥାନା ଅନ୍ତର୍ଗତ ଗଣ୍ଡଳା ଗ୍ରାମର କୈଳାସ ସେଠୀ(୨୧) । ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୧୨୮/୨୨ ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ପ୍ରକାଶ ଯେ, କୈଳାସ କେରଳରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ । ସେ ଗତ ପଞ୍ଚାୟତ ନିର୍ବାଚନ ସମୟରେ ନିଜ ଗାଁକୁ ଆସିଥିଲେ । ଶନିବାର ସେ ବେଲଗାଁ ଯାଇଥିଲେ । ଅପରାହ୍ନ ପ୍ରାୟ ଦୁଇଟା ବେଳେ ସେ ବେଲଗାଁ ଛକ ନିକଟରେ ବାଇକ ପାର୍କିଂ କରି ରାସ୍ତା କଡରେ ଠିଆ ହୋଇଥିଲେ । ହଠାତ ଏକ ଗାଡି ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରିଥିଲେ ।

# ସରିଲା ବ୍ଲକ ଅଧ୍ୟକ୍ଷ ନିର୍ବାଚନ

**ନୟାଗଡ଼ ଅଫିସ,୧୨।୩**

ଶନିବାର ନୟାଗଡ଼ ଜିଲାର ୮ ବ୍ଲକ୍‌ର ଅଧ୍ୟକ୍ଷ ନିର୍ବାଚନ ଶେଷ ହେଇଛି । ଭାପୁର ବ୍ଲକ ଅଧ୍ୟକ୍ଷ ଭାବେ ଧାନଚାଙ୍ଗଡା ସମିତି ସଭ୍ୟ ସାବିତ୍ରୀ ପ୍ରଧାନ ନିର୍ବାଚିତ ହୋଇଛନ୍ତି । ଭାପୁର ବ୍ଲକର ୨୦ପଞ୍ଚାୟତ ମଧ୍ୟରୁ ୧୭ ଜଣ ସାବିତ୍ରୀଙ୍କ ସପକ୍ଷରେ ଥିଲେ । ହେଲେ ବିପକ୍ଷ ପ୍ରାର୍ଥୀ ନ ଦେବାରୁ ସାବିତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଅନ୍ୟପକ୍ଷେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ ଭାବେ ଚଣ୍ଡିବସ୍ତ୍ର ସମିତି ସଭ୍ୟ କିଶୋର ଚନ୍ଦ୍ର ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ୨୯ ପଞ୍ଚାୟତରୁ ୨୭ ସମିତି ସଭ୍ୟ କିଶୋରଙ୍କ ସପକ୍ଷରେ ଥିଲେ । ବିପକ୍ଷର କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିଲେ । ସେହିପରି ନୟାଗଡ଼ ଜିଲା ରଣପୁର ବ୍ଲକରେ ଭାଜପା ସମର୍ଥକ କନ୍ଧ ନୂଆଗଡ଼ ସମିତି ସଭ୍ୟ ନିର୍ମଳା ବେହେରା ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ବ୍ଲକ୍‌ର ୩୭ ପଞ୍ଚାୟତରୁ ନିର୍ମଳା୨୧ଟି ଭୋଟ ପାଇଥିଲେ । ବିଜେଡି ସମର୍ଥକ ଡମସାହି ସମିତି ସଭ୍ୟ ପ୍ରଭାତ ଦଳବେହେରା ୧୬ଟି ଭୋଟ ପାଇ ପରାସ୍ତ ହୋଇଛନ୍ତି । ନିର୍ମଳା ଅଧ୍ୟକ୍ଷା ଭାବେ ନିର୍ବାଚିତ ହେବା ପରେ ଭାଜପା ଶିବରରେ ଖୁସିର ମାହୋଲ ସୃଷ୍ଟି ହୋଇଛି ।

ନୂଆଗାଁ ବ୍ଲକ ଅଧ୍ୟକ୍ଷା ଭାବେ ଲକ୍ଷ୍ମୀପ୍ରିୟା ବେହେରା ଶନିବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ନୂଆଗାଁ ବ୍ଲକର ୨୨ ପଞ୍ଚାୟତର ସମସ୍ତ ସମିତି ସଭ୍ୟ ନୂଆ ମୁହଁ ରହିଥିବା ବେଳେ ସେଥିମଧ୍ୟରୁ ୧୫ ଜଣ ମହିଳା । ପାରାଡିପି ପଞ୍ଚାୟତରୁ ଲକ୍ଷ୍ମୀପ୍ରିୟା ବେହେରା ନିର୍ବାଚିତ ହୋଇଥିଲେ । ନୂଆଗାଁ ବ୍ଲକ ଅଧ୍ୟକ୍ଷା ପଦ ପାଇଁ ୨ ସମିତି ସଭ୍ୟ ଆଶାୟୀ ଥିଲେ । ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମର୍ଥନ ଲକ୍ଷ୍ମୀପ୍ରିୟାଙ୍କ ପ୍ରତି ରହିଥିଲା ।

ସେହିପରି ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଭାବେ ବନମାଳୀପୁର ପଞ୍ଚାୟତରୁ ନିର୍ବାଚିତ ସମିତିସଭ୍ୟା ଉପମା ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନ ପାଇଁ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରୁ ୧୯ ସମିତିସଭ୍ୟା/ସଭ୍ୟ ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିଲେ । ଅଧ୍ୟକ୍ଷା ପଦବୀ ପାଇଁ ଉପମା ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ନିର୍ବାଚନ ଅଧିକାରୀ ନିର୍ଦ୍ଧାରିତ ସମୟ ପରେ ଅଧ୍ୟକ୍ଷା ଭାବେ ଉପମାଙ୍କ ନାମ ଘୋଷଣା କରିଥିଲେ । ଦଶପଲ୍ଲା ବ୍ଲକ୍ ଚେୟାରମ୍ୟାନ ରୁପେ ସୁନନ୍ଦା ସାହୁ ପୁନର୍ବାର ନିର୍ବାଚିତ ହୋଇଛନ୍ତି । ସେ ୧୦ ଖଣ୍ଡ ଭୋଟ ପାଇଥିବା ବେଳେ ଅପରଗୋଷ୍ଠୀ ଅନୁପମା ମଲ୍ଲିକ ୯ ଖଣ୍ଡ ଭୋଟ ପାଇଥିଲେ । ଉଭୟଙ୍କ ୧୦ ଜଣ ସମିତି ସଭ୍ୟ ରହିଥିଲେ । ଚେୟାରମ୍ୟାନ ନିର୍ବାଚନ ବେଳେ ଗୋଟିଏ ଗୋଷ୍ଠୀର ଜଣେ ଅନୁପସ୍ଥିତ ରହିଥିଲେ ।

ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଭାବେ ଲୋକନାଥ ସାହୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି । ସେ ୧୦ ବର୍ଷ ବ୍ୟବଧାନରେ ପୁଣି ଥରେ ଏହି ପଦବୀକୁ ଫେରିଛନ୍ତି । ଲୋକନାଥ କୋରପିଠା ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହେବ ଦିନଠୁ ସେ ବ୍ଲକ ଅଧ୍ୟକ୍ଷ ହେବା ଏକ ରକମ ନିଶ୍ଚିତ ହୋଇଥିଲା । ସେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଟାଣୁଆ ଓ ବିଶ୍ୱାସୀ ସମର୍ଥକ ଭାବେ ବେଶ ଜଣାଶୁଣା । ଶନିବାର ବ୍ଲକ ଅଧ୍ୟକ୍ଷ ନିର୍ବାଚନ ପରିପ୍ରେକ୍ଷୀରେ ବ୍ଲକ ଅଫିସ ସାମନାରେ ବହୁ ସମର୍ଥକଙ୍କ ଭିଡ ଦେଖିବାକୁ ମିଳିଥିଲା । ନିର୍ଦ୍ଧାରିତ ସମୟରେ ଲୋକନାଥ ଏକମାତ୍ର ପ୍ରାର୍ଥୀ ଭାବେ ମନୋନୟନ ପତ୍ର ଦାଖଲ କରିଥିଲେ । ବ୍ଲକର ୩୬ ନିର୍ବାଚିତ ସମିତି ସଭ୍ୟଙ୍କ ମଧ୍ୟରୁ ୨୫ ଜଣ ସଦସ୍ୟ ଉପସ୍ଥିତ ରହି ଲୋକନାଥଙ୍କୁ ସମର୍ଥନ କରିଥିବାରୁ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ପୁଣି ଥରେ ବ୍ଲକ ଅଧ୍ୟକ୍ଷ ପଦବୀ ହାସଲ କରିଛନ୍ତି ।

ଗଣିଆ ବ୍ଲକରେ ଝୁନା ଜେନା ବ୍ଲକ ଅଧ୍ୟକ୍ଷ ହୋଇଛନ୍ତି । ଏଠାରେ ଆଡକଟା ପଞ୍ଚାୟତର ସମିତି ସଭ୍ୟ ଝୁନା ଜେନା ଓ ରାସଙ୍ଗପଞ୍ଚାୟତର ସମିତି ସଭ୍ୟ ବବିତା ସାହୁଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା । ଉଭୟ ପକ୍ଷର ୪ଜଣ ଲେଖାଏଁ ସମର୍ଥକ ଥିଲେହେଁ ଝୁନା ଜେନା ୫ଟି ଭୋଟ ପାଇ ବିଜୟୀ ହୋଇଛନ୍ତି । ବବିତାଙ୍କ ଜଣେ ସମର୍ଥକ କ୍ରସ ଭୋଟିଂ କରିବାରୁ ଝୁନା ବିଜୟୀ ହୋଇଥିବାର କୁହାଯାଉଛି ।

**ନୟାଗଡ଼ ଜିଲା: ନବ ନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷ**


କିଶୋର ଚନ୍ଦ୍ର ସାହୁ
ନୟାଗଡ଼


ନିର୍ମଳା ବେହେରା
ରଣପୁର


ସାବିତ୍ରୀ ପ୍ରଧାନ
ଭାପୁର


ଲୋକନାଥ ସାହୁ
ଓଡ଼ଗାଁ


ଝୁନା ଜେନା
ଗଣିଆ


ସୁନନ୍ଦା ସାହୁ
ଦଶପଲ୍ଲା


ଲକ୍ଷ୍ମୀପ୍ରିୟା ବେହେରା
ନୂଆଗାଁ


ଉପମା ବେହେରା
ଖଣ୍ଡପଡ଼ା

# ବିଜେଡି ଝୁଲାରେ ୮ରୁ ୭ ବ୍ଲକ

**ନୟାଗଡ଼ ଅଫିସ,୧୨।୩**

- ବିଜେଡି ଗଡ଼ ରଣପୁରରେ ଫୁଟିଲା ପଦ୍ମ
- ଦଶପଲ୍ଲା ଓ ଗଣିଆରେ ଶାସକ ଦଳରେ ଲଢ଼େଇ
- ୫ବ୍ଲକରେ ଅଧ୍ୟକ୍ଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ବିଜେଡି ହାତରୁ ଖସି ଯାଇଛି ରଣପୁର ବ୍ଲକ । ଭାଜପା ଏହି ବ୍ଲକରେ ବିଜେଡିରେ ଫାଟ ସୃଷ୍ଟି କରାଇ ନିଜର ସମର୍ଥକ ନିର୍ମଳା ବେହେରାଙ୍କୁ ଚେୟାରମ୍ୟାନ କରିବାରେ ସଫଳ ହୋଇଛି । ଏଣୁ ନୟାଗଡ଼ ଜିଲାର ୮ ବ୍ଲକରୁ ୭ଟି ବ୍ଲକ ବିଜେଡି ଝୁଲାରେ ରହିଛି । ତେବେ ଦଶପଲ୍ଲା ବ୍ଲକ ଓ ଗଣିଆ ବ୍ଲକରେ ଶାସକଦଳର ଦୁଇ ସମର୍ଥକ ଗୋଷ୍ଠୀ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିଥିଲା । ଦଶପଲ୍ଲା ବିଧାୟକଙ୍କ ଅନୁଗତ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁନନ୍ଦା ସାହୁ ଅଧ୍ୟକ୍ଷ ପଦରେ ବିଜୟୀ ହୋଇ ବାଜି ମାରି ନେଇଛନ୍ତି । ଅନ୍ୟପକ୍ଷେ ଚଳିତ ବ୍ଲକ ଅଧ୍ୟକ୍ଷ ନିର୍ବାଚନରେ ନୟାଗଡ଼, ଓଡ଼ଗାଁ, ଭାପୁର ନୂଆଗାଁ, ଖଣ୍ଡପଡ଼ା ଆଦି ୫ ବ୍ଲକରେ ଅଧ୍ୟକ୍ଷ ପଦ ନିର୍ଦ୍ୱନ୍ଦ୍ୱରେ ନିର୍ବାଚନ ହୋଇଛି । ଏଠାରେ ବିପକ୍ଷ ପ୍ରାର୍ଥୀ ହେବାକୁ ଆସି ନ ଥିଲେ ।

ନୟାଗଡ଼ ଓ ଓଡ଼ଗାଁ ବ୍ଲକରେ ବିଜେଡି ଦଳର ସ୍ଥିତି ଭଲରେ ଅଛି । ଏଠାରେ ଲୋକନାଥ ସାହୁ ଓଡ଼ଗାଁ ବ୍ଲକର ଓ କିଶୋର ଚନ୍ଦ୍ର ସାହୁ ନୟାଗଡ଼ ବ୍ଲକର ଅଧ୍ୟକ୍ଷ ଭାବେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି । ଭାପୁର ବ୍ଲକରେ ପୂର୍ବତନ ବ୍ଲକ ଉପାଧକ୍ଷ ତଥା ବିଜେଡି ବ୍ଲକ ସଭାପତି ଗୟାଧର ପରିଡା ଓ ବିଜେଡି ନେତା ବେଣୁଧର ପ୍ରଧାନଙ୍କ ମଧ୍ୟରେ ବିବାଦ ହୋଇଥିଲା । ଉଭୟ ନିଜର ପ୍ରାର୍ଥୀଙ୍କୁ ବିଜୟ କରାଇ ବ୍ଲକ ଚେୟାରମ୍ୟାନ ପଦବୀକୁ ହାତେଇବା ପାଇଁ ଉଦ୍ୟମ କରିଥିଲେ । ଦୁଇ ବନ୍ଧୁ ପରସ୍ପର ବିରୋଧ ହୋଇ କଇଁଫୁଲିଆ ସମିତି ସଭ୍ୟ ଭାବେ ଦୁଇ ଜଣ ପ୍ରାର୍ଥୀ ହୋଇଥିଲେ । ଏଥିରେ ବେଣୁଧର ଗୟାଧରଙ୍କୁ ପରାସ୍ତ କରିଥିଲେ । ଶୁକ୍ରବାର ଅଧ୍ୟକ୍ଷ ନିର୍ବାଚନରେ ବେଣୁଧର ସ୍ତ୍ରୀ ସାବିତ୍ରୀ ପ୍ରଧାନଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରାଇ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । ଗୟାଧରଙ୍କ ପକ୍ଷ ଛେଦନ କରିଛନ୍ତି । ସେହିଭଳି ନୂଆଗାଁରେ ବିଜେଡି ସମର୍ଥକ ଲକ୍ଷ୍ମୀପ୍ରିୟା ବେହେରା ଓ ଖଣ୍ଡପଡାରେ ଉପମା ବେହେରା ଅଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ରଣପୁର ନିର୍ବାଚନ ମଣ୍ଡଳୀରେ ୬ଟି ଜିଲା ପରିଷଦ ଜୋନ୍‌ରୁ ୪ଟି ଜୋନ ୨୦୧୭ପଞ୍ଚାୟତ ନିର୍ବାଚନରେ ଭାଜପା ଦଖଲରେ ଥିଲା । ୨୦୨୨ ନିର୍ବାଚନରେ ୫ଟି ଜୋନ ବିଜେଡି ଦଖଲକୁ ଆସିଥିଲା । ୧ଟି ଜୋନ ଭାଜପା ଦଖଲରେ ରହିଲା । ତେବେ ରଣପୁର ବ୍ଲକ ଅଧ୍ୟକ୍ଷ ନିର୍ବାଚନରେ ବିଜେଡି ଭୁଲ ଅଧ୍ୟକ୍ଷ ପ୍ରାର୍ଥୀ ଚୟନ କରି ନିଜର ସିଟ୍ ହରାଇଛି ବୋଲି କୁହାଯାଉଛି । ଏଠାରେ ବିଜେଡି ସମର୍ଥକ୨୨ଜଣ ଓ ଭାଜପା ସମର୍ଥନରେ ୧୬ ସମିତି ସଭ୍ୟଥିଲେ । ବିଜେଡି ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଭାତ ଦଳବେହେରାଙ୍କୁ ପ୍ରାର୍ଥୀ କରାଇଥିଲା । ହେଲେ ଅନେକ ସମିତି ସଭ୍ୟ ଏହାକୁ ବିରୋଧ କରିଥିଲେ । ବିଧାୟକ ନିଜର ବନ୍ଧୁବାନ୍ଧବଙ୍କୁ ଅଧ୍ୟକ୍ଷ ପଦରେ ବସାଇବାର ଜିଦ୍ ଯୋଗୁ ରଣପୁର ବ୍ଲକ ଅଧ୍ୟକ୍ଷ ପଦ ଭାଜପା ନେଇଗଲା ବୋଲି କେତେଜଣ କର୍ମୀ ଓ ସମର୍ଥକ ନିଜ ନାମ ଗୋପନ ରଖି କହିଛନ୍ତି । ଦଶପଲ୍ଲାରେ ଶାସକଗୋଷ୍ଠୀର ୧୦ ଓ ଶାସକ ଗୋଷ୍ଠୀର ଅସନ୍ତୁଷ୍ଟମାନଙ୍କର ସଂଖ୍ୟା୧୦ଥିଲା । ବିଧାୟକ ଗୋଷ୍ଠୀ ଶାସକ ଦଳର ବିରୋଧି ଗୋଷ୍ଠୀରେ ଫାଟ କରି ଜଣଙ୍କୁ ମତଦାନରୁ ଅନୁପସ୍ଥିତ କରାଇଥିଲେ । ଏଣୁ ସୁନନ୍ଦା ସାହୁ ୧୦ଟି ଭୋଟ ପାଇ ଅଧ୍ୟକ୍ଷ ହୋଇଗଲେ । ବିପକ୍ଷେ ଗୋଷ୍ଠୀ ୯ଟି ଭୋଟ ପାଇଥିଲେ । ଗଣିଆ ବ୍ଲକରେ ବିଜେଡି ସମର୍ଥକ ଝୁନା ଜେନା ଅଧ୍ୟକ୍ଷ ପଦ ହାତେଇ ନେଇଛନ୍ତି । ଏଠାରେ ଶାସକ ଗୋଷ୍ଠୀର ଦୁଇ ସମର୍ଥକ ମଧ୍ୟରେ ଲଢ଼େଇ ହୋଇଥିଲା । ଉଭୟ ଗୋଷ୍ଠୀର ୪ଜଣ ଥିଲେ । କ୍ରସ ଭୋଟିଂ ଯୋଗୁ ବିଧାୟକ ଗୋଷ୍ଠୀ ବାଜି ମାରିନେଲେ ।

## ଦୁଆରଗାଁ ଗ୍ରାମବାସୀଙ୍କ ଦ୍ୱାରା ହରିଣ ଉଦ୍ଧାର

**ଖଣ୍ଡପଡ଼ା,୧୨।୩(ସ୍ୱ.ପ୍ର.)**

ପାଣି ପାଇଁ ବନ୍ୟଜନ୍ତୁମାନେ ଗାଁ ମୁହାଁ ହୋଇ ବିପଦର ସମ୍ମୁଖୀନ ହୋଇଛନ୍ତି । ଏପରି ଅବସ୍ଥାରେ ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତର ଦୁଆର ଗାଁ ମଧ୍ୟକୁ ପଶି ଆସିଥିବା ୨ ହରିଣ ମଧ୍ୟରୁ ଗୋଟିଏ ହରିଣ ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ଦୌଡି ପଳାଇଥିବା ବେଳେ ଅନ୍ୟ ହରିଣଟି ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ ପରିସରରେ ରହିଯାଇଥିଲା । ଗ୍ରାମବାସୀ ସେହି ହରିଣକୁ ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି ।



# କ୍ୟାମେରାମ୍ୟାନଙ୍କୁ ହତ୍ୟାକରି ପୋତି ଦେଲେ


ମୃତଦେହ ପୋତାଯାଇଥିବା ସ୍ଥାନରୁ ମାଟି ଖୋଳାଯାଉଛି ।

**ନୟାଗଡ଼ ଅଫିସ/ରଣପୁର, ୧୨।୩(ସ୍ୱ.ପ୍ର.)**

- ଭଦ୍ରକରେ ନିଖୋଜ, ଭୁବନେଶ୍ୱରରେ ହତ୍ୟା
- ନିଖୋଜର ୧ମାସ ପରେ ନୟାଗଡ଼ରୁ ମିଳିଲା ମୃତଦେହ

ନୟାଗଡ଼ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡିପୋଖରୀ ଗାଁର ମାନସ ସ୍ୱାଇଁ (୨୮)ନାମକ ଜଣେ କ୍ୟାମେରାମ୍ୟାନଙ୍କୁ ହତ୍ୟା କରି ମାଟିରେ ପୋତା ଯାଇଥିଲା । ଜଣେ ହତ୍ୟାକାରୀଙ୍କୁ ଚାନ୍ଦବାଲି ଥାନା ପୋଲିସ ଗିରଫ କରିବାପରେ ହତ୍ୟାକାଣ୍ଡର ଗୁମର ଖୋଲିଛି । କ୍ୟାମେରାମ୍ୟାନ ଭଦ୍ରକ ଚାନ୍ଦବାଲିରେ ନିଖୋଜ ହୋଇଥିଲେ । ତେବେ ତାଙ୍କ ମୃତଦେହ ନୟାଗଡ଼ ଜିଲା ରଣପୁର ଥାନା ରାଜସୁନାଖଳା ଫାଣ୍ଡିର ନରେନ୍ଦ୍ରପୁର ବଧିପାଟଣାଜଙ୍ଗଲରୁ ମାଟି ତଳୁ ଉଦ୍ଧାର ହୋଇଛି । ଚାନ୍ଦବାଲି ଏସ୍‌ଡିପିଓ ଓ ଥାନା ଆଇଆଇସି ରଣପୁର ଥାନା ପୋଲିସ ସହାୟତାରେ ଜଙ୍ଗଲରୁ ମାଟି ଖୋଳି ମୃତଦେହ ଜବତ କରିଥିଲେ । ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ଓ ମାଜିଷ୍ଟ୍ରେଟ ଉପସ୍ଥିତ ଥିଲେ । ଅନ୍ୟପକ୍ଷେ ମାନସଙ୍କ ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ପାଇଁ ରଣପୁର ମେଡିକାଲରେ ଭର୍ତ୍ତିକରିଛି । ମାନସଙ୍କ ମୃତଦେହ ଜବତ ପରେ ଗୋଡିପୋଖରୀ ଗାଁରେ ଉତ୍ତେଜନା ପ୍ରକାଶପାଇଛି । ଅଭିଯୋଗ ଅନୁସାରେ ମଝିଆଖଣ୍ଡ ଗୋଡିପୋଖରୀ ଗାଁର ମାନସ ସ୍ୱାଇଁ ଭଦ୍ରକ ଜିଲାର ଚାନ୍ଦବାଲି ଅଞ୍ଚଳରେ କ୍ୟାମେରାମ୍ୟାନ ଭାବେ କାମ କରୁଥିଲେ । ଗତ ଫେବୃୟାରୀ ୫ରେ ଚାନ୍ଦବାଲିରୁ ମାନସ ନିଖୋଜ ହୋଇଥିଲେ । ପରିବାର ପକ୍ଷରୁ ବହୁ ଖୋଜାଖୋଜି ପରେ ତାଙ୍କର ଟେର ମିଳି ନ ଥିଲା । ଏନେଇ ମାନସଙ୍କ ପରିବାର ପକ୍ଷରୁ ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ଚାନ୍ଦବାଲି ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିଲା । ଅଟକ ବ୍ୟକ୍ତିଙ୍କ ସୂଚନାଅନୁସାରେ ମାନସଙ୍କୁ ଅପହରଣ କରାଯାଇ ଭୁବନେଶ୍ୱରରେ ହତ୍ୟା କରାଯାଇଥିଲା । ପରେ ବଧିପାଟଣା ଜଙ୍ଗଲରେ ପୋତି ଦିଆଯାଇଥିଲା । ଏହି ହତ୍ୟାକାଣ୍ଡରେ ୫ଜଣ ସାମିଲ ଥିବା ଜଣାପଡିଛି । ଏନେଇ ପୋଲିସ କିଛି ସୂଚନା ଦେଉ ନାହିଁ ।

## ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନକୁ ନେଇ ଅସନ୍ତୋଷ

- ଉତ୍ତର ଖାତାର ତ୍ରୁଟି ଯୋଗୁ କମିଲା ୧୦ନମ୍ବର
- ଦଶମ ଶ୍ରେଣୀ ଟର୍ମ ୧ ଓଡିଆ ପରୀକ୍ଷା

**ନୟାଗଡ଼ ଅଫିସ,୧୨।୩**

ସିବିଏସ୍‌ଇ ପାଠ୍ୟଖସଡା ଅନୁସାରେ ଦଶମ ଶ୍ରେଣୀ ଟର୍ମ୧ ମାତୃଭାଷା ଓଡିଆ ପରୀକ୍ଷାରେ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ଯୋଗୁ ଠିକ୍ ଉତ୍ତର ଲେଖିବି ଛାତ୍ରୀଛାତ୍ର ୧୦ ନମ୍ବର ହରାଇଛନ୍ତି । ମୂଲ୍ୟାୟନ ପାଇଁ ଶିକ୍ଷକଙ୍କୁ ମିଳିଥିବା ଉତ୍ତରଖାତାରେ ୧୦ଟି ପ୍ରଶ୍ନର ଉତ୍ତର ଭୁଲ ଲେଖାଯାଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି । ଏପରିକି ଶିକ୍ଷକ ମୂଲ୍ୟାୟନ କରିଥିଲେ ମଧ ତାହା ଜାଣି ପାରି ନାହାନ୍ତି । ଏନେଇ ନୟାଗଡ଼ର ଜଣେ ଅଭିଭାବକ ଗୀତାଞ୍ଜଳୀ ମିଶ୍ର କୁହନ୍ତି, ଗତ ଡିସେମ୍ବରରେ ସିବିଏସଇ ପାଠ୍ୟଖସଡା ଅନୁସାରେ ଦଶମ ଶ୍ରେଣୀ ଟର୍ମ୧ ମାତୃଭାଷା ଓଡିଆ ପରୀକ୍ଷା ହୋଇଥିଲା । ସିବିଏସଇ ପାଠ୍ୟଖସଡା ଅନୁସାରେ ପରୀକ୍ଷା ଦେଇଥିବା ନବୋଦୟ, ଆଦର୍ଶ, ଡିଏଭି, ମହର୍ଷୀ ପରିସ୍କୁଲର ଛାତ୍ରୀଛାତ୍ରମାନେ ଓଡିଆ ବିଷୟରେ ବହୁତ କମ ନମ୍ବର ରଖିଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ରେଜଲ୍ଟ ବାହାରିବା ପରେ ଏଭଳି ତ୍ରୁଟି ନଜରକୁ ଆସିଛି । ବୁଝିବାରେ ଜଣାପଡିଛି ତ୍ରୁଟିପୂର୍ଣ୍ଣମୂଲ୍ୟାୟନ ଯୋଗୁ ଛାତ୍ରୀଛାତ୍ର ଠିକ ଉତ୍ତର ଲେଖି ୧୦ ନମ୍ବର ହରାଇଛନ୍ତି । ଏନେଇ ଜଣେ ଶିକ୍ଷୟିତ୍ରୀ କହିଛନ୍ତି, ଛାତ୍ରୀଛାତ୍ରଙ୍କ ଖାତା କୋର୍ଡ କରାଯାଇଛି । ଶିକ୍ଷକଙ୍କୁ ଯେଉଁ ଉତ୍ତର ଖାତା ମିଳିଛି ସେଥିରେ ପ୍ରଶ୍ନର କ୍ରମିକ ନଂ. ଓ ଉତ୍ତରର କେବଳ ଅପଶନ ଏ, ବି, ସି ଓ ଡି ରହିଛି । ଏଣୁ ପ୍ରଶ୍ନର ଉତ୍ତର ଠିକ କି ଭୁଲ ଶିକ୍ଷକ ଜାଣି ପାରିବେନି । ଉତ୍ତର ଖାତାର ଅପଶନ ଦେଖି ମାର୍କ କରାଯାଇଛି ।

# ମହିଳା ଭୋଟରଙ୍କୁ ଲାଞ୍ଚ, ଭିଡିଓ ଭାଇରାଲ

**ନୟାଗଡ଼ ଅଫିସ,୧୨।୩**

ପୌର ଭୋଟ ହାତେଇବା ପାଇଁ ମହିଳା ଭୋଟରଙ୍କୁ ଦିଆଯାଉଛି ଲାଞ୍ଚ । ଭିଡିଓ ଭାଇରାଲ କରି ରାଜ୍ୟ ନିର୍ବାଚନ କମିଶନଙ୍କୁ ଫେରାଦ ହେଲା କଂଗ୍ରେସ । କଂଗ୍ରେସର ଅଭିଯୋଗ ଅନୁଯାୟୀ, ନୟାଗଡ଼ ପୌରାଞ୍ଚଳ ୭ ନମ୍ବର ୱାର୍ଡର ମହିମା ଆଶ୍ରମଠାରେ ଗତ ୧୨ ତାରିଖ ମଧ୍ୟାହ୍ନରେ ମହିଳା ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଲୋଭନୀୟ ଲାଞ୍ଚ ପ୍ୟାକେଟ ବଣ୍ଟନ କରାଯାଇଥିଲା । ଏହାର ଭିଡିଓ ପ୍ରମାଣ ମିଳିବା ପରେ ୭ ନମ୍ବର ୱାର୍ଡର ବିଜେଡି ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱକୁ ଅସିଦ୍ଧ କରିବା ପାଇଁ ଜିଲ୍ଲା କଂଗ୍ରେସ କମିଟି ଦାବି କରିଛି । ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ଚେତାବନୀ ଦେଇଛନ୍ତି ।


ମହିଳାମାନଙ୍କୁ ପ୍ୟାକେଟ ବଣ୍ଟନ କରାଯାଉଛି ।

# ୨ ଡାଏଲିସିସ୍ ମେଶିନ ଫେରିଗଲା

**ନୟାଗଡ଼ ଅଫିସ,୧୨।୩**

- ଡାଏଲିସିସ ସେଣ୍ଟରରେ ଅବ୍ୟବସ୍ଥା ପିଛା ଛାଡୁନି
- ରୋଗୀ ବଢୁଛନ୍ତି, ପାଣି ସମସ୍ୟା ଲାଗି ରହିଛି

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଡାଏଲେସିସ୍ କେନ୍ଦ୍ରକୁ ୧୧ ଡାଏଲିସିସ୍ ମେଶିନ ସରକାର ଯୋଗାଇ ଦେଇଥିଲେ । ସେଥିରୁ ୨ଟି ମେଶିନ ଫେରି ଯାଇଥିବା ଅଭିଯୋଗ ହୋଇଛି । ନୟାଗଡ଼ ଜିଲା ସଦର ମହକୁମାର ପାଣିରେ ଅଧିକ ମିନେରାଲ୍ ଥିବାରୁ ଡାଏଲିସିସ୍ ସେଣ୍ଟରର ଆରୋ ମେଶିନ୍ ବାରମ୍ବାର ଅଚଳ ହୋଇ ପଡୁଛି । ଏଣୁ ଡାଏଲିସିସ୍ ସେଣ୍ଟର ଅଧିକାଂଶ ସମୟ ବନ୍ଦ ରହିବାରୁ ରୋଗୀ ହଟହଟା ହେଉଛନ୍ତି । ଏହାର ସ୍ଥାୟୀ ପ୍ରତିକାର କରାଯାଉନାହିଁ । ଏଭଳିସ୍ଥଳେ ରୋଗୀ ବୁଝିବା ସ୍ଥିତିରେ ନାହାନ୍ତି । ଆରୋ ମେଶିନ୍ କିପରି ଅଚଳ ନ ହେବ ଓ ରୋଗୀମାନେ ସବୁ ସମୟରେ ଉପଯୁକ୍ତ ସେବା ପାଇ ପାରିବେ ସେଥିପ୍ରତି ସ୍ଥାୟୀ ନିରାକରଣ କରିବାକୁ ଦାବି ହେଉଛି । ସେହିପରି ଫେରି ଯାଇଥିବା ଡାଏଲିସିସ୍ ମେଶିନକୁ ଉପରୋକ୍ତ ସେଣ୍ଟରକୁ ଫେରାଇ ଆଣିବାକୁ ଦାବି କରାଯାଇଛି ।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ମୁଖ୍ୟଚିକିତ୍ସାଳୟ ପରିସରରେ ଡାଏଲିସିସ୍ କେନ୍ଦ୍ର ପିପିପି ମୋଡରେ ଚାଲିଛି । ଏହାକୁ ଏକ ଘରୋଇ କମ୍ପାନୀ ନେଇ କିଡନୀ ଓ କ୍ୟାନସର ରୋଗୀଙ୍କୁ ମାଗଣା ଡାଏଲିସିସ୍ କରୁଛି । ଏଥିପାଇଁ ସମ୍ପୃକ୍ତ କମ୍ପାନୀ ସରକାରଙ୍କଠାରୁ ପ୍ରତି ମାସରେ ୭ରୁ ୮ ଲକ୍ଷ ଟଙ୍କା ନେଉଛି । ଡାଏଲିସିସ୍ ପାଇଁ ଅଧିକ ପାଣି ଦରକାର । ଡାଏଲିସିସ୍ କେନ୍ଦ୍ର ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ୨ଟି ବୋରୱେଲ ରହିଛି । ବୋରୱେଲରୁ ବାହାରୁ ଥିବା ପାଣିରେ ଅଧିକ ମିନେରାଲସ୍ ଅଛି । ଏହି ମିନେରାଲସ୍‌କୁ ଆରୋ ମେଶିନ ଛାଣି ଡିଷ୍ଟିଲୱାଟର କରୁଛି । ତେବେ ଅଧିକ ମିନେରାଲସ୍ ଯୋଗୁ ବାରମ୍ବାର ଆରେ ମେଶିନ୍ ଅଚଳ ହୋଇପଡୁଛି । ଆରୋ ମେଶିନ ଅଚଳ ହେବା ପରେ ଘରୋଇ କମ୍ପାନୀ କିଛିଦିନ କାମ ବନ୍ଦ କରି ଦେଉଛି । ଏଣୁ ସେବା ନ ପାଇ ରୋଗୀମାନେ ହଟହଟା ହେଉଛନ୍ତି । ଅନ୍ୟପକ୍ଷେ ଡାଏଲିସିସ୍ କେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ପାଇଁ ପାଣି ପର୍ଯ୍ୟାପ୍ତ ହେଉ ନ ଥିବା ଘରୋଇ କମ୍ପାନୀ ବାରମ୍ବାର ଅଭିଯୋଗ କରୁଛି । ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଘରୋଇ କମ୍ପାନୀର ଅଭିଯୋଗକୁ ଏଡାଇ କୁହାଯାଉଛି ପ୍ରତିମାସରେ ଲକ୍ଷାଧିକ ଟଙ୍କା ନେଉଥିଲେ ମଧ ପାଣି ଛାଣିବା କାମରେ କମ୍ପାନୀ ଅଣଦେଖା କରୁଛି । ନିଜର ତ୍ରୁଟି ସଂଶୋଧନ ନ କରି ଜିଲା ଚିକିତ୍ସାଳୟ ଉପରେ ଦୋଷ ଦେଇ କମ୍ପାନୀ କର୍ତ୍ତୃପକ୍ଷ ଖସି ଯାଉଛନ୍ତି । ପାଣି ସମସ୍ୟା ଏଡାଇବାକୁ ଜିଲାପାଳଙ୍କ ହସ୍ତକ୍ଷେପ ପରେ ଏବେ ଡାଇଲେସିସ୍ ସେଣ୍ଟରକୁ ଜନସ୍ୱାସ୍ଥ୍ୟ ବିଭାଗ ପାଣି ଯୋଗାଉଛି । ମିନେରାଲସ୍ ସମସ୍ୟା ସମାଧାନ ପାଇଁ ମହାନଦୀରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପାଣି ଯୋଗାଇବାର ଉଦ୍ୟମ ଜାରି ରହିଛି । ମହାନଦୀରୁ ପାଣି ଆସିଲେ ୨ଟି ସମ୍ପ୍ କରାଯିବ । ଗୋଟିଏରେ ପାଣି ଷ୍ଟକ ରହିବ । ଅନ୍ୟଟିରେ ପାଣି ପୂରଣ କରାଯିବ । ତେବେ ମହାନଦୀରୁ ପାଣି ଏଯାବତ ଆସି ପାରନି । ଡାଏଲିସିସ୍ ସେଣ୍ଟରରେ ଗୋଟିଏ ପରେ ଗୋଟିଏ ସମସ୍ୟା ବଢୁଥିବାବେଳେ ଡାଏଲିସିସ୍ ମେଶିନ୍ ଫେରିଯିବା ଘଟଣାରେ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି ।

ଏନେଇ କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି, ୨ଟି ଡାଏଲିସିସ୍ ମେଶିନ ଫେରିଯିବା ଦୁଃଖଦ ଘଟଣା । ସ୍ଥାନ ଅଭାବ ଦର୍ଶାଇ ଫେରାଇ ଦିଆଯାଇଥିବା ଜଣାପଡ଼ିଛି । ତୁରନ୍ତ ଏହାକୁ ପୁଣି ଥରେ ଡାକ୍ତରଖାନାକୁ ଫେରାଇ ଆଣିବାକୁ ଉଦ୍ୟମ କରାଯାଉ ବୋଲି ସେ କହିଛନ୍ତି । ସିଡିଏମ୍‌ଓ ଡାକ୍ତର ମକରନ୍ଦ ବେଉରା କୁହନ୍ତି, ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ୭ଟି ଡାଏଲିସିସ୍ ମେଶିନ ଥିଲା । ସରକାର ୪ ମେଶିନ୍ ନୂଆ ଯୋଗାଇବା ପରେ ଡାଇଲେସିସ୍ ମେଶିନ ସଂଖ୍ୟା ୧୧ରେ ପହଞ୍ଚିଛି । ୯ଟି ମେଶିନ୍ କାର୍ଯ୍ୟ କରୁଛି । ୨ଟି ଡାଏଲିସିସ୍ ମେଶିନ ପାଇଁ ସ୍ଥାନ ଅଭାବ ଯୋଗୁ କେବଳ ଇନ୍‌ଷ୍ଟଲ ହୋଇ ରହିଛି । ମୋ ସରକାର ବିଲ୍‌ଡିଂ ଶେଷ ପରେ ସେଠାରେ ଡାଏଲିସିସ୍ ମେଶିନ ରଖାଯାଇ ରୋଗୀଙ୍କୁ ସେବା ଯୋଗାଇ ଦିଆଯିବ । କୌଣସି ଡାଏଲିସିସ୍ ମେଶିନ ଫେରାଇ ଦିଆଯାଇନି ବୋଲି ସେ କହିଛନ୍ତି ।